# ଅଧ୍ୟାୟ 5

## ଆଇଟି ବ୍ୟବସ୍ଥାରେ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକର ସ୍ୱଚ୍ଛତା

ଏହି ଅଧ୍ୟାୟରେ (ପ୍ରେରଣା, ଇ-ମେଧାବୃତ୍ତି ଏବଂ ଓଏସ୍ଏସ୍‌ପି), ସଫ୍ଟୱେୟାରଗୁଡ଼ିକରେ ଥିବା ବିଭିନ୍ନ ଅଭାବୀପଣଗୁଡ଼ିକର ଆଲୋଚନା ରହିଛି । ଗୋଟିଏ ବର୍ଗରେ ଏକା ପ୍ରକାରର ଛାତ୍ରୀଛାତ୍ରମାନଙ୍କ ଠାରୁ ଏକାଧିକ ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରିବା, ନିର୍ଦ୍ଦିଷ୍ଟ ସୀମା ଠାରୁ ଅଧିକ ଅର୍ଥ ପ୍ରଦାନ କରିବା, ଅଯୋଗ୍ୟ ହିତାଧିକାରୀମାନଙ୍କ ଠାରୁ ଆବେଦନ ପତ୍ର ଗୁଡ଼ିକୁ ଗ୍ରହଣ କରିବା ଇତ୍ୟାଦି ସୃଷ୍ଟ ସମସ୍ୟାଗୁଡ଼ିକ ଆଲୋଚନା ହୋଇଛି । ସଫ୍ଟୱେୟାର ଗୁଡ଼ିକର ଗଚ୍ଛିତ ତଥ୍ୟ, ଏସ୍ଏସ୍‌ଡି ଏବଂ ଉଚ୍ଚଶିକ୍ଷା ବିଭାଗ, ନମୁନା ଡିଡବ୍ଲୁଓ ଏବଂ ଅନୁଷ୍ଠାନ ଗୁଡ଼ିକର ରେକର୍ଡ ଅଡ଼ିଟ୍ ବିଶ୍ଳେଷଣ କରି ଲକ୍ଷ୍ୟ କଲେ ଯେ-

- 2019-20 ପର୍ଯ୍ୟନ୍ତ ପ୍ରେରଣା ଓ ଇ-ମେଧାବୃତ୍ତି ସଫ୍ଟୱେୟାର ପରସ୍ପର ସହିତ ଅନ୍ତ-ସଂଯୁକ୍ତ ହୋଇନଥିଲେ କିମ୍ବା ସେଗୁଡ଼ିକ ଅନ୍ୟ ବିଭାଗ ଗୁଡ଼ିକର ବୃତ୍ତି ପୋର୍ଟାଲ ସହିତ ମଧ ସଂଯୁକ୍ତ ହୋଇନଥିଲେ, ଯାହାଫଳରେ, ସେହି ଏକା ପ୍ରକାର ଛାତ୍ରୀଛାତ୍ରମାନେ ସେହି ଏକ ସମୟରେ ବିଭିନ୍ନ ଯୋଜନା ଗୁଡ଼ିକରୁ ମିଳୁଥିବା ବୃତ୍ତିଗୁଡ଼ିକୁ ଲାଭ କରିଥିଲେ ।
- ଏହି ବ୍ୟବସ୍ଥାରେ ସଠିକ୍ ବିଧିମାନ୍ୟ ନିୟନ୍ତ୍ରଣର ଅଭାବ ଥିବାରୁ ନକଲି ଆବେଦନଗୁଡ଼ିକୁ ଚିହ୍ନଟ କରିନପାରିବାରୁ, 2017-20 ମଧ୍ୟରେ, 973 ହିତାଧିକାରୀମାନଙ୍କୁ 2.43 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏପରିକି 2020-21 ଠାରୁ ଓଡ଼ିଶା ରାଜ୍ୟ ବୃତ୍ତି ପୋର୍ଟାଲର ପରିଚାଳନା ହେବା ପରେ ମଧ, ଏକା ପ୍ରକାରର ଛାତ୍ରୀଛାତ୍ରମାନଙ୍କ ଠାରୁ ଏକାଧିକ ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରିବାରେ ରହିଥିବା ତ୍ରୁଟିଗୁଡ଼ିକ ଜାରୀ ରହିଥିଲା ।
- ଛାତ୍ରୀଛାତ୍ରମାନଙ୍କୁ ଅଧିକ ଭରଣପୋଷଣ ଭତ୍ତା ଦିଆଯାଇଥିବାର ଦୃଷ୍ଟାନ୍ତମାନ ମଧ ରହିଥିଲା । ଆହୁରି ମଧ, 2017-18 ଅବଧିରେ, 17,739 ଓବିସି ଛାତ୍ରୀଛାତ୍ରମାନଙ୍କୁ ପିଏମ୍ଏସ୍ ବାବଦରେ 80.29 ଲକ୍ଷ ଟଙ୍କା କମ୍ ମଞ୍ଜୁରୀ କରାଯାଇଥିଲା, ଯେହେତୁ ଦଶ ମାସ ବଦଳରେ ଆଠ ମାସ ପାଇଁ ପିଏମ୍ଏସ୍ ପ୍ରଦାନ କରାଯାଇଥିଲା ।
- ହିତାଧିକାରୀମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ ଆଧାର ସହିତ ସଂଯୋଗ ହୋଇନଥିବାରୁ ଏସ୍ଏସ୍‌ଡ଼ି ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନରେ ଆସୁଥିବା 1,03,369 ହିତାଧିକାରୀ ପିଏମ୍ଏସ୍ ଏବଂ ଇ-ମେଧାବୃତ୍ତିରୁ ବଞ୍ଚିତ ହୋଇଥିଲେ ।
- ଇ-ମେଧାବୃତ୍ତିରେ ବିଭିନ୍ନ କର୍ତ୍ତୃପକ୍ଷଙ୍କର ଦ୍ୱାରା ମଧବର୍ତ୍ତୀ ସ୍ତରରେ ଆବେଦନପତ୍ର ଗୁଡ଼ିକର ପ୍ରସ୍ତୁତିକରଣରେ ଏବଂ ଭୁଲ୍ ବିଧିମାନ୍ୟତା ପ୍ରଦାନ ଭଳି ତ୍ରୁଟିଗୁଡ଼ିକୁ ଚିହ୍ନଟ କରାଯାଇପାରୁ ନଥିଲା । ଏହି ସଫ୍ଟୱେୟାରରେ ଆହୁରି ମଧ ବିଭିନ୍ନ ମାଷ୍ଟର ସାରଣୀର ଅଭାବ ରହିଥିଲା, ଯାହାଫଳରେ ସିଷ୍ଟମରେ ଅବାସ୍ତବ ମାର୍କ ଗ୍ରହଣ ହେଉଥିଲା ।
- ଆହୁରି ମଧ ଆଧାରର ଅଧିନିୟମ ଅନୁସାରେ ଆଧାର ବିଶଦ ବିବରଣୀର ଲେଖନ ହୋଇନଥିଲା କିମ୍ବା ଡିବିଟିର ଆବଶ୍ୟକତା ଅନୁସାରେ ସେଗୁଡ଼ିକୁ ସଠିକ୍ ଭାବରେ ରଖାଯାଇନଥିଲା ।
- 97, 810 ମାମଲା ମଧ୍ୟରୁ 1,466 ମାମଲାରେ ସମସ୍ତ ଆବଶ୍ୟକୀୟ ସୂଚନା ଯଥା ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ମାର୍କସିଟ୍, ବ୍ୟାଙ୍କ ବିବରଣୀ, ଆଧାର ନମ୍ବର ଅପଲୋଡ୍ କରାଯାଇଥିଲା, କିନ୍ତୁ ଅଧକ୍ଷମାନେ ଏହା ଯାଞ୍ଚ କରି ନଥିଲେ ଏବଂ ଠିକ୍ ସମୟରେ ତଥ୍ୟକୁ ଅନୁମୋଦନ କରି ନଥିଲେ ।

## 5. ବୃତ୍ତି ଆବେଦନଗୁଡ଼ିକର ପ୍ରକ୍ରିୟାକରଣ ପାଇଁ ବ୍ୟବହୃତ ଆଇଟି ବ୍ୟବସ୍ଥା

2011-12 ରୁ 2019-20 ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ଏସ୍‌ଏସ୍‌ଡି ବିଭାଗ ପ୍ରେରଣା ନାମରେ ଏକ ୱେବ୍ ଆଧାରିତ ସଫ୍ଟୱେୟାର ଆପ୍ଲିକେସନ[40] ମାଧ୍ୟମରେ ପିଏମ୍‌ଏସ୍ ଯୋଜନାର କାର୍ଯ୍ୟାନ୍ୱୟନ କରିଥିଲେ । 2016-17 ଠାରୁ 2019-20 ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଇ-ମେଧାବୃତ୍ତି ସଫ୍ଟୱେୟାର ଆପ୍ଲିକେସନ[41] ମାଧ୍ୟମରେ, ମେଧାବୃତ୍ତି ଯୋଜନାର କାର୍ଯ୍ୟାନ୍ୱୟନ କରାଯାଇଥିଲା । ପିଏମ୍‌ଏସ୍ ବୃତ୍ତି ଗୁଡ଼ିକ ପାଇଁ ଭୋପାଳ ସ୍ଥିତ ଜାତୀୟ ସୂଚନା କେନ୍ଦ୍ର (ଏନ୍‌ଆଇସି) ପ୍ରେରଣାକୁ ବିକଶିତ କରିଥିବା ବେଳେ, ଇ-ମେଧାବୃତ୍ତିକୁ ଏକ ବେସରକାରୀ ଆଇଟି ଫାର୍ମ ପରିକଳ୍ପନା କରିଥିଲା ।

2020-21 ରେ ରାଜ୍ୟ ସରକାର, ଓଡ଼ିଶା ରାଜ୍ୟ ବୃତ୍ତି ପୋର୍ଟାଲ[42] (ଓଏସ୍‌ଏସ୍‌ପି) ନାମରେ ଏକ ନୂତନ ସଫ୍ଟୱେୟାର ପ୍ରଚଳନ କଲେ, ଯାହାଦ୍ୱାରା ବିଭାଗଗୁଡ଼ିକ ମଧ୍ୟରେ ମାଟ୍ରିକ୍ ଉପରାନ୍ତ ବୃତ୍ତି ସମ୍ବନ୍ଧିତ ସମସ୍ତ ଆବେଦନପତ୍ର ଗୁଡ଼ିକର ପ୍ରକ୍ରିୟାକରଣ ଅଧିକ ସକ୍ଷମ ଭାବରେ କରାଯାଇପାରିବ । 2020-21 ଠାରୁ ଏସ୍‌ଏସ୍‌ଡି ବିଭାଗ ବୃତ୍ତି ଆବେଦନଗୁଡ଼ିକୁ ଓଏସ୍‌ଏସ୍‌ପି ମାଧ୍ୟମରେ ପ୍ରସ୍ତୁତିକରଣ କରିବାରେ ଆରମ୍ଭ କରିଦେଇଥିଲା, କିନ୍ତୁ ଉଚ୍ଚଶିକ୍ଷା ବିଭାଗ 2021 ପର୍ଯ୍ୟନ୍ତ ଏହାକୁ ଇ-ମେଧାବୃତ୍ତିରେ ବ୍ୟବହାର କରିନଥିଲେ ।

ରାଜ୍ୟ ଡିବିଟି ସେଲ୍ ଉଭୟ ପ୍ରେରଣା ଏବଂ ଇ-ମେଧାବୃତ୍ତି ପରିକଳ୍ପନାର କାର୍ଯ୍ୟପ୍ରବାହର ଏକ ଆକଳନ ଅଧ୍ୟୟନ କରିଥିଲେ (ଫେବୃଆରୀ 2018 ଏବଂ ଜୁନ୍ 2019) ଏବଂ ସଫ୍ଟୱେୟାରରେ ଜରୁରୀ ପରିବର୍ତ୍ତନ ପାଇଁ ସୁପାରିଶ କରିଥିଲେ । ଆହୁରି ମଧ୍ୟ, ଏହି ସେଲ୍ କାର୍ଯ୍ୟାନ୍ୱୟନ ପ୍ରସ୍ତୁତିକରଣରେ ମଧ୍ୟ ପରିବର୍ତ୍ତନ ପାଇଁ ସୁପାରିଶ କରିଥିଲେ, ଯେପରିକି (କ) ତଥ୍ୟ ବିଶୁଦ୍ଧିକରଣ, (ଖ) ପିଏଫ୍‌ଏମ୍‌ଏସ୍‌ରେ ବୃତ୍ତିର ଅନ୍‌ବୋର୍ଡିଂ କରିବା, (ଗ) ଏନ୍‌ପିସିଆଇ ମ୍ୟାପର ସହିତ ଏକୀକରଣ, (ଘ) ପରିକଳ୍ପନା ଗୁଡ଼ିକର ସ୍ୱୟଂକ୍ରିୟତା, ଯାହାଦ୍ୱାରା ପ୍ରକ୍ରିୟାକରଣର ସମୟ ଓ ତ୍ରୁଟିପୂର୍ଣ୍ଣ ତଥ୍ୟ ବୈଧିକରଣକୁ ହ୍ରାସ କରି ହେବ, (ଙ) ଦକ୍ଷତାର ସହିତ ଅଭିଯୋଗଗୁଡ଼ିର ପରିଚାଳନା ପାଇଁ ଏମ୍‌ଆଇଏସ୍ ବ୍ୟବହାର, (ଚ) ସହାୟତା ଡେସ୍କର ସୃଷ୍ଟି, ଇତ୍ୟାଦି । ପ୍ରେରଣା ଓ ଇ-ମେଧାବୃତ୍ତି ସଫ୍ଟୱେୟାର ଆପ୍ଲିକେସନ ଗୁଡ଼ିକୁ ବିଶ୍ଳେଷଣ କରି, ଲେଖାପରୀକ୍ଷା ଏହା ଲକ୍ଷ୍ୟ କଲେ (ମାର୍ଚ୍ଚ 2021)ଯେ ବିଭାଗ ଗୁଡ଼ିକ ସଫ୍ଟୱେୟାରରେ ସୁପାରିଶ କରାଯାଇଥିବା ପରିବର୍ତ୍ତନକୁ କାର୍ଯ୍ୟକାରୀ କରିନାହାନ୍ତି । ଆହୁରି ମଧ୍ୟ ରାଜ୍ୟ ଡିବିଟି ସେଲ୍ ଦୁଇଟି ବିଭାଗ ଗୁଡ଼ିକ ସହିତ ଏହାର ସୁପାରିଶ ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ତଦାରଖ କରିଥିଲେ । ଉପର ଲିଖିତ ସଫ୍ଟୱେୟାର ଆପ୍ଲିକେସନରେ ସିଷ୍ଟମ ଡିଜାଇନ୍ ଇନ୍‌ପୁଟ୍ ପ୍ରକ୍ରିୟାକରଣ ଓ ବୈଧିକରଣ ନିୟନ୍ତ୍ରଣରେ ଲକ୍ଷ୍ୟ କରାଯାଇଥିବା ବିଭିନ୍ନ ତ୍ରୁଟିଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚିତ ହୋଇଛି ।

### 5.1 ଆଇଟି ବ୍ୟବସ୍ଥାରେ ଅଭାବୀ ଆପ୍ଲିକେସନ ନିୟନ୍ତ୍ରଣ

ସଫ୍ଟୱେୟାରଟି ଏନ୍‌ଆଇସି, ଭୋପାଳ ଦ୍ୱାରା ଅନେକ ପୂର୍ବରୁ ବିକଶିତ ହୋଇଥିବା ଦର୍ଶାଇ ପ୍ରେରଣାର ବ୍ୟବହାରକାରୀ ଆବଶ୍ୟକତା ନିର୍ଦ୍ଦିଷ୍ଟକରଣ, ବ୍ୟବସ୍ଥା ଆବଶ୍ୟକତା ନିର୍ଦ୍ଦିଷ୍ଟକରଣ (ଏସ୍‌ଆର୍‌ଏସ୍) ଏବଂ ବିଶଦ ପ୍ରକଳ୍ପ ରିପୋର୍ଟ (ଡିପିଆର) ଗୁଡ଼ିକୁ ଅଡିଟ୍‌କୁ ଉପଲବ୍ଧ କରାଯାଇନଥିଲା । ଓକାକ୍ ଦ୍ୱାରା ଇ-ମେଧାବୃତ୍ତି ଓ ଓଏସ୍‌ଏସ୍‌ପିର ବୈଷୟିକ ଦସ୍ତାବିଜ୍ ଗୁଡ଼ିକୁ ମଧ୍ୟ ଉପଲବ୍ଧ କରାଯାଇନଥିଲା । ଯାହାହେଉ, ୟୁନିଟ୍ ସ୍ତରରେ ପ୍ରେରଣା, ଇ-ମେଧାବୃତ୍ତି ଏବଂ ଓଏସ୍‌ଏସ୍‌ପି ତଥ୍ୟ ସହିତ ଅର୍ଥ ପ୍ରଦାନ ତଥ୍ୟ ଏବଂ ବସ୍ତୁଗତ ରେକର୍ଡ ଗୁଡ଼ିକର ବିଶ୍ଳେଷଣରୁ ଲକ୍ଷ୍ୟ କରାଗଲା ଯେ ଆପ୍ଲିକେସନ ନିୟନ୍ତ୍ରଣ ଦୃଷ୍ଟିରୁ ବ୍ୟବସ୍ଥା ଗୁଡ଼ିକ ତ୍ରୁଟିପୂର୍ଣ୍ଣ ରହିଥିଲା, ଯାହାଦ୍ୱାରା କେବଳ ଇନ୍‌ପୁଟକୁ ପ୍ରତିରୋଧ କରିବାରେ ଅକ୍ଷମ ହେବା ସହିତ ଆହୁରି ମଧ୍ୟ ବୃତ୍ତି ପ୍ରଦାନ ସମ୍ବନ୍ଧିତ ଅଦରକାରୀ/ ନକଲି ତଥ୍ୟର ପ୍ରକ୍ରିୟାକରଣ ରୋକିବାରେ ମଧ୍ୟ ଅକ୍ଷମ ହୋଇଥିଲା ।

ଅଡିଟ୍ (କ) 98 ଟି ସଂସ୍ଥାର ପିଏମ୍‌ଏସ୍ କୁ ମଞ୍ଜୁରି ପ୍ରଦାନ ଓ ଅର୍ଥ ପ୍ରଦାନ ସମ୍ବନ୍ଧିତ ରେକର୍ଡ ଗୁଡ଼ିକର ନମୁନା ଯାଞ୍ଚ କରିଥିଲେ ଏବଂ (ଖ) 16 ଟି ସଂସ୍ଥାର ମିଳିତ ବସ୍ତୁଗତ ଯାଞ୍ଚ କରିଥିଲେ । ଏହା ଅବିଦ୍ୟମାନ ଛାତ୍ରୀଛାତ୍ର/ ଅନୁଷ୍ଠାନଗୁଡ଼ିକ ପିଏମ୍‌ଏସ୍‌ର ପ୍ରାପ୍ତି ଓ ଅର୍ଥ ପ୍ରଦାନର ଦୃଷ୍ଟାନ୍ତ ଲକ୍ଷ୍ୟ କରିଥିଲେ । ଆହୁରି ମଧ୍ୟ, ସେହି ସମାନ

[40] https://www.mpsc.mp.nic.in/scholarsips/
[41] https://www.medhabruti.org/
[42] https://scholarship.odisha.gov.in/website/home

ଛାତ୍ରୀଛାତ୍ରମାନଙ୍କୁ ଏକାଧିକ ଆବେଦନପତ୍ର ବିପକ୍ଷରେ ଏକାଧିକ ବୃତ୍ତି ପ୍ରଦାନର ଦୃଷ୍ଟାନ୍ତ ମଧ୍ୟ ଲକ୍ଷ୍ୟ କରିଥିଲେ, ଯାହା ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

### 5.1.1 ବିଭିନ୍ନ ବୃତ୍ତି ପାଇଁ ସମାନ ଛାତ୍ରୀଛାତ୍ରମାନଙ୍କ ଠାରୁ ଆବେଦନ ଗ୍ରହଣ

ପିଏମ୍ଏସ୍ ପରିକଳ୍ପନାର ମାର୍ଗଦର୍ଶିକା ଅନୁସାରେ ଏସ୍‌ସି/ଏସ୍‌ଟି/ଓବିସି/ଇବିସି, ଇତ୍ୟାଦି ଛାତ୍ରୀଛାତ୍ରମାନଙ୍କର ବିଷୟରେ ଏହା କୁହାଯାଇଛି ଯେ ପିଏମ୍ଏସ୍ ଅଧିନରେ ଜଣେ ବୃତ୍ତିଧାରୀ ଅନ୍ୟ କୌଣସି ବୃତ୍ତି/ ଷ୍ଟାଇପେଣ୍ଡ ଗ୍ରହଣ କରିବା ଉଚିତ୍ ନୁହେଁ । ସମାନ ଭାବରେ ଇ-ମେଧାବୃତ୍ତିର ମାର୍ଗଦର୍ଶିକା ଅନୁସାରେ, ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ଅଧିନରେ ଉଚ୍ଚତର ଶିକ୍ଷା ଲାଭ ପାଇଁ ଯେଉଁ ଛାତ୍ରୀଛାତ୍ରମାନେ ବୃତ୍ତି ଗ୍ରହଣ କରୁଛନ୍ତି, ସେମାନେ ଇ-ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

ସେହି ଏକ ସମୟ ଅବଧିରେ ସମାନ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବୃତ୍ତି ପ୍ରଦାନ କରାଯାଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ, ଯାହା ନିମ୍ନରେ ଦର୍ଶାଯାଇଛି:

- 2017-20 ଅବଧିରେ 19,54,187 ପିଏମ୍ଏସ୍ ଏବଂ ମେଧାବୃତ୍ତି ଆବେଦନଗୁଡ଼ିକୁ ପରୀକ୍ଷା କରି ଅଡିଟ୍ ଲକ୍ଷ୍ୟ କଲେ ଯେ 11,880 ଛାତ୍ରୀଛାତ୍ରମାନଙ୍କୁ (0.61 ପ୍ରତିଶତ) ଉଭୟ (6.91 କୋଟି ଟଙ୍କା) ଏବଂ ମେଧାବୃତ୍ତି (6.80 କୋଟି ଟଙ୍କା) ପ୍ରଦାନ କରାଯାଇଥିଲା, ଯାହାକି ଉଭୟ ବୃତ୍ତି ପରିକଳ୍ପନାର ମାର୍ଗଦର୍ଶିକାର ବିରୁଦ୍ଧାଚରଣ କରୁଛି ।
- 2017-21 ଅବଧିରେ, ଚାରିଟି ନମୂନା ଜିଲ୍ଲାର[43] 15 ଟି ଅନୁଷ୍ଠାନର 18 ଜଣ ଛାତ୍ରୀଛାତ୍ରଙ୍କୁ 0.54 ଲକ୍ଷ ଟଙ୍କାର ବାଣୀଶ୍ରୀ[44] ବୃତ୍ତି ପ୍ରଦାନ କରାଯାଇଥିଲା ଏବଂ ସମାନ ସମୟରେ, ସେମାନଙ୍କୁ 0.85 ଲକ୍ଷ ଟଙ୍କାର ପିଏମ୍ଏସ୍ ମଧ୍ୟ ପ୍ରଦାନ କରାଯାଇଥିଲା ।
- ସମାନ ଭାବରେ, 2018-21 ଅବଧିରେ ଝାରସୁଗୁଡ଼ା, କଳାହାଣ୍ଡି ଓ ମୟୁରଭଞ୍ଜ ଜିଲ୍ଲାଗୁଡ଼ିକର 56 ଜଣ ନର୍ସିଂ ଛାତ୍ରୀଛାତ୍ରମାନେ ଯଦିଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ 32.97 ଲକ୍ଷ ଟଙ୍କାର ବୃତ୍ତି ପାଇଥିଲେ, ସମାନ ସମୟ ଅବଧିରେ ସେମାନଙ୍କୁ 35.18 ଲକ୍ଷ ଟଙ୍କାର ପିଏମ୍ଏସ୍ ମଧ୍ୟ ପ୍ରଦାନ କରାଯାଇଥିଲା ।

ଅଡିଟ୍ ଅବଲୋକନ କଲା ଯେ ପ୍ରେରଣା ଓ ମେଧାବୃତ୍ତି ପରିଚାଳନା ସଫ୍ଟୱେୟାର ପରସ୍ପର ସହିତ ଅନ୍ତଃସଂଯୁକ୍ତ ନଥିଲେ କିମ୍ବା ସେଗୁଡ଼ିକ ଅନ୍ୟ ବିଭାଗର ବୃତ୍ତି ପୋର୍ଟାଲ ସହି ମଧ୍ୟ ସଂଯୁକ୍ତ ନଥିଲେ (ଉଦାହରଣ ସ୍ୱରୂପ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବାଣୀଶ୍ରୀ), ଯାହାଫଳରେ ସମାନ ଛାତ୍ରୀଛାତ୍ରମାନଙ୍କୁ ଏକା ସମୟରେ ବିଭିନ୍ନ ବୃତ୍ତି ପାଇଁ ନିଆଯାଉଥିବା ଆବେଦନଗୁଡ଼ିକୁ ଚିହ୍ନଟ କରାଯାଇପାରୁନଥିଲା ।

ଏସ୍ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ଓଏସ୍ଏସ୍‌ପିର ସମନ୍ୱିତ ପୋର୍ଟାଲ, ଯାହାକି ଏକକ ପ୍ରବେଶମାର୍ଗ ବିଶିଷ୍ଟ ଅଟେ, ବିଭିନ୍ନ ବିଭାଗଗୁଡ଼ିକର ବୃତ୍ତି ପରିକଳ୍ପନାଗୁଡ଼ିକରୁ ଏହି ସମସ୍ୟାକୁ ଦୂର କରିବା ପାଇଁ ବିକଶିତ କରାଯାଇଥିଲା । କିନ୍ତୁ ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଓଏସ୍ଏସ୍‌ପି ପୋର୍ଟାଲରେ ମଧ୍ୟ ସମାନ/ ଏକାପ୍ରକାରର ହିତାଧିକାରୀମାନଙ୍କର ଏକାଧିକ ଆବେଦନଗୁଡ଼ିକୁ ଗ୍ରହଣ କରାଯାଇପାରିବ ।

### 5.1.2 ସମାନ ଛାତ୍ରୀଛାତ୍ରମାନଙ୍କ ଠାରୁ ଏକାଧିକ ଆବେଦନ ଗ୍ରହଣ

ଅଡିଟ୍ ଏହା ଜାଣିବାକୁ ପାଇଲା ଯେ ପ୍ରେରଣା, ଇ-ମେଧାବୃତ୍ତି ଓ ଏଏସ୍ଏସ୍‌ପିରେ ଥିବା ନିୟନ୍ତ୍ରଣ ବ୍ୟବସ୍ଥାଗୁଡ଼ିକ ସମାନ ଛାତ୍ରୀଛାତ୍ରମାନଙ୍କ ଠାରୁ ଏକାଧିକ ଆବେଦନ ଗ୍ରହଣକୁ ଯାଞ୍ଚ କରିବାରେ ଅସମର୍ଥ, ଯାହାଫଳରେ ସମାନ ଛାତ୍ରୀଛାତ୍ରମାନଙ୍କୁ 2017-21 ଅବଧିରେ ସମାନ ପ୍ରକାରର ବୃତ୍ତି ଏକାଧିକବାର ପ୍ରଦାନ କରାଯାଇଥିଲା ।

---

[43] କଳାହାଣ୍ଡି, ମାଲକାନଗିରି, ନୟାଗଡ଼ ଏବଂ ସୁନ୍ଦରଗଡ଼

[44] ଓଡ଼ିଶା ସରକାର ବାଣୀଶ୍ରୀ ବୃତ୍ତି ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରନ୍ତି

- ପ୍ରେରଣା ଅଧିନରେ ପିଏମ୍ଏସ୍ ପାଇଁ ଏସ୍‌ସି/ଏସ୍‌ଟି/ଓବିସି/ଇବିସି ଛାତ୍ରୀଛାତ୍ରମାନଙ୍କ ଠାରୁ 2017-20 ଅବଧିରେ ମଧ୍ୟରେ 14,22,413 ଆବେଦନ ଗ୍ରହଣ କରାଯାଇଥିଲା । ଏହା ମଧ୍ୟରୁ, 1,28,104 ଆବେଦନ (9 ପ୍ରତିଶତ) ଭିନ୍ନ ସଂସ୍ଥାରେ ଭିନ୍ନ ପାଠ୍ୟକ୍ରମରେ ଶିକ୍ଷା ଲାଭ ପାଇଁ ସମାନ ଛାତ୍ରୀଛାତ୍ରମାନଙ୍କଠାରୁ ଗ୍ରହଣ କରାଯାଇଥିଲା । ଏହି ମାମଲା ଗୁଡ଼ିକରେ, ଛାତ୍ରୀଛାତ୍ରମାନେ ଦିଆଯାଇଥିବା ସମସ୍ତ ଅବଧି ମଧ୍ୟରେ, ଦୁଇ ଥରରୁ 306 ଥର ପର୍ଯ୍ୟନ୍ତ ଆବେଦନ କରିଥିଲେ । ଏଥି ମଧ୍ୟରୁ, 2.43 କୋଟି ଟଙ୍କାର ପିଏମ୍ଏସ୍ 973 ଆବେଦନକାରୀମାନଙ୍କୁ ପ୍ରଦାନ କରାଯାଇଥିଲା । ବିଶଦ ବିଶ୍ଳେଷଣରୁ ଜଣାଗଲା ଯେ ଏହି 973 ଛାତ୍ରୀଛାତ୍ର ଏକା ସମୟରେ, ଏକା ପାଠ୍ୟକ୍ରମ ବର୍ଷରେ, ଅନ୍ୟ ପାଠ୍ୟକ୍ରମଗୁଡ଼ିକରେ ଭିନ୍ନ ଅନୁଷ୍ଠାନରେ ଏପରିକି ବିଭିନ୍ନ ଜିଲ୍ଲା ଯଥା-ବାଲେଶ୍ୱର, ଖୋର୍ଦ୍ଧା, କେଉଁଝର, ଯାଜପୁର, ସୁନ୍ଦରଗଡ଼, କଟକ ଓ ଭଦ୍ରକ ଇତ୍ୟାଦିରେ ନାମ ଲେଖାଇଥିଲେ । ସମାନ/ ଭିନ୍ନ ଅନୁଷ୍ଠାନଗୁଡ଼ିକର ସମାନ ଛାତ୍ରୀଛାତ୍ରମାନଙ୍କ ଠାରୁ ନକଲ ଆବେଦନଗୁଡ଼ିକର ପ୍ରବେଶକୁ ରୋକିବା ପାଇଁ ପ୍ରେରଣା ସଫ୍ଟୱେୟାରରେ ଇନ୍‌ପୁଟ୍ ନିୟମରେ ଅଭାବ ହେତୁ ବିଭିନ୍ନ ଅନୁଷ୍ଠାନଗୁଡ଼ିକରୁ ଛାତ୍ରୀଛାତ୍ରମାନଙ୍କ ଠାରୁ ଏକାଧିକ ଆବେଦନ ପଞ୍ଜୀକୃତ ହୋଇଥିଲା, ଯାହାର ବିବରଣୀ ***ପରିଶିଷ୍ଟ 5.1*** ରେ ଉଲ୍ଲେଖ କରାଯାଇଛି ।

**ମାମଲା ଅଧ୍ୟୟନ**

***ଅମରାବତୀ ପଲିଟେକ୍‌ନିକ୍, ରାଇରଙ୍ଗପୁର, ମୟୁରଭଞ୍ଜ ଜିଲ୍ଲାର ଜଣେ ଛାତ୍ରକୁ 2017-18 ଅଧିବେଶନରେ ଇଲେକ୍ଟ୍ରିକାଲ୍ ଶାଖାର ଡିପ୍ଲୋମାରେ ଆଡମିଶନ କରିଥିବାର ଦେଖାଯାଇଛି ଓ ସେ ପିଏମ୍ଏସ୍ ପାଇଁ ମଧ ଆବେଦନ କରିଛି । ସେହି ସମାନ ବର୍ଷରେ ଏହା ଦେଖାଯାଇଛି ଯେ ଛାତ୍ରଟି ଓଡ଼ିଶା ସେଫ୍‌ଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, ରାଇରଙ୍ଗପୁର, ମୟୁରଭଞ୍ଜର ଇଣ୍ଡଷ୍ଟ୍ରିଆଲ୍ ସେଫ୍‌ଟି ଡିପ୍ଲୋମାର ପ୍ରଥମ ବର୍ଷ ଛାତ୍ର ଭାବରେ ପିଏମ୍ଏସ୍ ପାଇଁ ଆବେଦନ କରିଛି । 2017-18 ପାଇଁ, ଛାତ୍ରଟିକୁ ଉଭୟ ସଂସ୍ଥାରୁ ପିଏମ୍ଏସ୍ ବାବଦରେ 70,000 ଟଙ୍କା ପ୍ରଦାନ କରାଯାଇଛି (ଅମରାବତୀ ପଲିଟେକ୍‌ନିକ୍‌ରୁ 34,500 ଟଙ୍କା ଏବଂ ଓଡ଼ିଶା ସେଫ୍‌ଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ 35,500 ଟଙ୍କା) ।***

- ଯଦିଓ ଓଡ଼ିଶା ସରକାର, 2020-21 ଠାରୁ, ସମସ୍ତ ବିଭାଗରେ, ସମସ୍ତ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଗୁଡ଼ିକ ପାଇଁ ଓଏସ୍ଏସ୍‌ପିକୁ ଏକ କମନ୍ ପୋର୍ଟାଲ୍ ଭାବରେ ପ୍ରଚଳନ କରିଥିଲେ, ଆଇଟି ନିୟନ୍ତ୍ରଣରେ ରହିଥିବା ତ୍ରୁଟିଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ସମାଧାନ ହୋଇନଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ, 2020-21 ମଧ୍ୟରେ, ଓଏସ୍ଏସ୍‌ପି ମାଧ୍ୟମରେ ଗ୍ରହଣ କରାଯାଇଥିବା, 5,26,434 ଆବେଦନଗୁଡ଼ିକ ମଧ୍ୟରୁ, 1,783 ଆବେଦନ (0.34 ପ୍ରତିଶତ) ବିଭିନ୍ନ ସଂସ୍ଥାରୁ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କର ନଥିଲା । ନକଲି ଆବେଦନଗୁଡ଼ିକୁ ସାଧାରଣ ଭାବରେ ଯାଞ୍ଚ କରାଯାଇ ବାତିଲ୍ କରାଯାଇଥିଲା । ଏହିପରି ଭାବରେ ସିଷ୍ଟମଟି ନକଲି ଆବେଦନଗୁଡ଼ିକୁ ଚିହ୍ନଟ ଓ ବାତିଲ କରିବା ପାଇଁ ନିୟନ୍ତ୍ରଣ ବ୍ୟବସ୍ଥା ସହିତ ସଜ୍ଜିତ ନଥିଲା ।

- ଇ-ମେଧାବୃତ୍ତି କ୍ଷେତ୍ରରେ, 2017-20 ମଧ୍ୟରେ ଗ୍ରହଣ କରାଯାଇଥିବା 5,31,774 ଆବେଦନଗୁଡ଼ିକ ମଧ୍ୟରୁ 17,291 ନକଲି ଆବେଦନ ଥିଲା, ଯାହାକି ଆଇଟି ସିଷ୍ଟମ ଦ୍ୱାରା ଚିହ୍ନଟ କରାଯାଇପାରି ନଥିଲା । ଯାହାହେଉ, ଏହି ମାମଲାଗୁଡ଼ିକରେ କୌଣସି ଅର୍ଥ ପ୍ରଦାନ କରାଯାଇ ନଥିଲା କାରଣ ଏଗୁଡ଼ିକ ସାଧାରଣ ଯାଞ୍ଚ ସମୟରେ ଚିହ୍ନଟ କରାଯାଇଥିଲା । ଏହାସତ୍ତ୍ୱେ, ଏହା ସତ୍ୟ ଯେ ଆଇଟି ସିଷ୍ଟମରେ ମୂଳ ନିୟନ୍ତ୍ରଣ ଉପାୟଗୁଡ଼ିକର ଅଭାବରେ ଏକାଧିକ ଆବେଦନଗୁଡ଼ିକ ଗ୍ରହଣ କରାଯାଇ ପାରିଥିଲା ।

ଏହିପରି ଭାବରେ, ସଫ୍ଟୱେୟାରରେ ଥିବା ବୈଧାନିକ ନିୟନ୍ତ୍ରଣଗୁଡ଼ିକର ଅଭାବରୁ ସମାନ ଆବେଦକମାନଙ୍କ ଦ୍ୱାରା ଏକାଧିକ ପଞ୍ଜୀକରଣର ସୁଯୋଗ ସୃଷ୍ଟି ହୋଇଥିଲା ଏବଂ ସାଧାରଣ ଯାଞ୍ଚ ଉପରେ ନିର୍ଭର କରାଯାଇଥିବା ହେତୁ ଯାଞ୍ଚ କର୍ତ୍ତୃପକ୍ଷମାନଙ୍କର କାର୍ଯ୍ୟଭାର ବଢ଼ିଥିଲା ।

ଏସ୍ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ, 2019-20 ପୂର୍ବରୁ, ଆଧାର ବାଧ୍ୟତାମୂଳକ ନଥିଲା ଓ ସମାନ ଛାତ୍ରୀଛାତ୍ରମାନଙ୍କଠାରୁ ଏକାଧିକ ଆବେଦନଗୁଡ଼ିକୁ ଚିହ୍ନଟ କରିବା ପାଇଁ ସଫ୍ଟୱେୟାର ସଜ୍ଜିତ ହୋଇନଥିଲା । (କ) ମାଟ୍ରିକ୍ କୋଡକୁ ପରିବର୍ତ୍ତନ କରି, (ଖ) ନିଜର ଓ ମାତାପିତାଙ୍କର ନାମର ବନାନ ପରିବର୍ତ୍ତନ କରି ଓ (ଗ) ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ପ୍ରଦାନ, ଇତ୍ୟାଦି ଦ୍ୱାରା ଛାତ୍ରୀଛାତ୍ରମାନେ ଆବେଦନ କରୁଥିଲେ । ଏହିପରି ମାମଲାଗୁଡ଼ିକରେ, ମାଇକ୍ରୋସଫ୍ଟ ଏକ୍ସେଲର କାର୍ଯ୍ୟକାରିତା ସାହାଯ୍ୟରେ ନକଲି ଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ଥିଲା । ବିଭାଗ ନକଲିଗୁଡ଼ିକୁ ଚିହ୍ନଟ କରିବାକୁ ଚେଷ୍ଟା କରିଥିଲେ ଏବଂ ଅନେକ ବାତିଲ କରିଥିଲେ, କିନ୍ତୁ ନକଲ ମାମଲା ରୋକି ପାରିନଥିଲେ ।

ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଭାରତ ସରକାର 2017 ସୁଦ୍ଧା ଆଧାର ନାମାଙ୍କନ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକି ବିଭାଗ ସମ୍ପୂର୍ଣ୍ଣ କରିପାରିନଥିଲା । ସଫ୍ଟୱେୟାରରେ ଥିବା ଅସମ୍ପୂର୍ଣ୍ଣତା ଏବଂ ନକଲିଗୁଡ଼ିକୁ ଯାଞ୍ଚ କରିବାରେ ବିଭିନ୍ନ ମାପଦଣ୍ଡ ଗ୍ରହଣ ନ କରିବା ଦ୍ୱାରା ସମାନ ଛାତ୍ରୀଛାତ୍ରମାନଙ୍କୁ ଏକାଧିକ ବୃତ୍ତି ପ୍ରଦାନ କରାଯାଇଥିଲା ।

### *5.1.3 ସମାନ ସ୍ତରର ସମାନ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପାଠ୍ୟକ୍ରମଗୁଡ଼ିକ ପାଇଁ ବୃତ୍ତି ପ୍ରଦାନ*

ପିଏମ୍ଏସ୍‌ର ନିର୍ଦ୍ଦେଶାବଳୀ ଅନୁସାରେ, ଯେଉଁ ପ୍ରାର୍ଥୀମାନେ ଶିକ୍ଷାର ଗୋଟିଏ ସ୍ତରରୁ ଉତ୍ତୀର୍ଣ୍ଣ ହେବା ପରେ ସେହି ଶିକ୍ଷା ସ୍ତରରେ ବିଭିନ୍ନ ବିଷୟରେ ପଢୁଛନ୍ତି, ଉଦାହରଣ ସ୍ୱରୂପ କଳାରେ ଇଣ୍ଟରମିଡିଏଟ୍ ପରେ ବିଜ୍ଞାନରେ ଇଣ୍ଟରମିଡିଏଟ୍ କିମ୍ବା ବାଣିଜ୍ୟରେ ସ୍ନାତକ ପରେ କଳାରେ ସ୍ନାତକ କରୁଛନ୍ତି, ସେମାନେ ପିଏମ୍ଏସ୍ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ସମାନ ସ୍ତରର ବିଭିନ୍ନ ବିଷୟରେ ପଢୁଥିବା ଚାରିଟି ନମୁନା ଜିଲ୍ଲାର 1,668 ଛାତ୍ରୀଛାତ୍ରମାନଙ୍କୁ 2017-20 ଅବଧି ମଧ୍ୟରେ 3.71 କୋଟି ଟଙ୍କାର ପିଏମ୍ଏସ୍, ପ୍ରଦାନ କରାଯାଇଥିଲା, ଯାହା ପ୍ରେରଣା ଡାଟାବେସରେ ଉପଲବ୍ଧ ଥିଲା ***(ପରିଶିଷ୍ଟ 5.2)*** । ପ୍ରେରଣା ସଫ୍ଟୱେୟାରରେ ବିଧିମାନ୍ୟତା ନିୟନ୍ତ୍ରଣ ଉପାୟଗୁଡ଼ିକର ଅଭାବ ସାଙ୍ଗକୁ 2019-20 ପର୍ଯ୍ୟନ୍ତ ଆଧାର ବାଧତାମୂଳକ ନହୋଇପାରିବା ହେତୁ ସମାନ ସ୍ତରର ଶିକ୍ଷା ପାଇଁ ପୁନର୍ବାର ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କର ଆବେଦନଗୁଡ଼ିକୁ ଚିହ୍ନଟ ଓ ବାତିଲ କରିବାରେ ସିଷ୍ଟମ ଅକ୍ଷମ ଥିଲା । ଏହାଦ୍ୱାରା 3.71 କୋଟି ଟଙ୍କା ଅଗ୍ରହଣୀୟ ଅର୍ଥ ପ୍ରଦାନ ବ୍ୟତୀତ ଡିବିଟିର ଆର୍ଥିକ କ୍ଷତିକୁ ପ୍ରତିରୋଧ କରିବାର ଲକ୍ଷ୍ୟ ମଧ୍ୟ ପ୍ରତିହତ ହୋଇଥିଲା ।

ଉତ୍ତରରେ, ଏସ୍ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ପ୍ରେରଣାରେ ବିଧିମାନ୍ୟତା ଉପାୟ ନିୟନ୍ତ୍ରଣ ଉପଲବ୍ଧ ନଥିଲା । ଯାହାହେଉ, ଏହା ଓଏସ୍ଏସ୍‌ପିରେ ଅନ୍ତର୍ଭୁକ୍ତ କରାଯାଇନଥିଲା । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଓଏସ୍ଏସ୍‌ପି ସଫ୍ଟୱେୟାରରେ ସମାନ ସ୍ତରର ଶିକ୍ଷା ପାଇଁ ମିଳୁଥିବା ଆବେଦନଗୁଡ଼ିକ ଉପରେ କଟକଣା ଲଗାଇବା ପାଇଁ କୌଣସି ବ୍ୟବସ୍ଥା ନଥିଲା ।

***ସୁପାରିଶ 5.1:***

***ବୃତ୍ତି ପରିଚାଳନା ପାଇଁ ବିକଶିତ ଓଏସ୍ଏସ୍‌ପି କମ୍ପ୍ୟୁଟର ଆପ୍ଲିକେସନ ଏବଂ ଅନ୍ୟ ବିଭାଗର ତତ୍‌ସମ୍ବନ୍ଧୀୟ ଆପ୍ଲିକେସନ ଗୁଡ଼ିକ ସମାନ ଛାତ୍ରୀଛାତ୍ରଙ୍କୁ ଏକାଧିକ ବୃତ୍ତି ପ୍ରଦାନ ଘଟଣାକୁ ପ୍ରତିହତ କରିବା ପାଇଁ ପରସ୍ପର ସହ ସଂଯୋଗ ହେବା ଉଚିତ୍ ।***

## 5.2 ପିଏମ୍ଏସ୍ ପାଇଁ ଯୋଗ୍ୟତା ଯାଞ୍ଚ ପାଇଁ ଅସମ୍ପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବସ୍ଥା

### 5.2.1 ଅନ୍ତିମ ପରୀକ୍ଷାରେ 50 ପ୍ରତିଶତରୁ କମ୍ ରଖିଥିବା ଓବିସି ଆବେଦନକାରୀମାନଙ୍କୁ ସିଷ୍ଟମ ଦ୍ୱାରା ଗ୍ରହଣ କରାଯିବା

ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁସାରେ, ଅନ୍ତିମ ପରୀକ୍ଷାରେ ଅତି କମରେ 50 ପ୍ରତିଶତ ମାର୍କ ରଖିଥିବା ଓବିସି ଛାତ୍ରୀଛାତ୍ରମାନେ ପିଏମ୍ଏସ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ଅଡିଟ୍ ଲକ୍ଷ୍ୟ କଲା ଯେ ସମାନ

ଛାତ୍ରୀଛାତ୍ରମାନଙ୍କଠାରୁ ଏକାଧିକ ଆବେଦନ, ଅନ୍ତିମ ପରୀକ୍ଷାରେ 50 ପ୍ରତିଶତରୁ କମ୍ ମାର୍କ ରଖିଥିବା ଓବିସି ଆବେଦନକାରୀ ଇତ୍ୟାଦିଙ୍କ ଭଳି ଅଯୋଗ୍ୟ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଅଲଗା କରିପାରିବା ନିମନ୍ତେ ପ୍ରେରଣା ଏବଂ ଓଏସ୍ଏସ୍ପି ସଫ୍ଟୱେୟାର ଉପଯୁକ୍ତ ଭାବରେ ବ୍ୟବସ୍ଥିତ ହୋଇନଥିଲେ ।

ଅଡିଟ୍, 2017-20 ଅବଧି ପ୍ରେରଣା ଡାଟାବେସରୁ ଲକ୍ଷ୍ୟ କଲା ଯେ, ମୋଟ 14,22,413 ଆବେଦନଗୁଡ଼ିକ ମଧ୍ୟରୁ 4,16,478 ଆବେଦନ ଓବିସି ଛାତ୍ରୀଛାତ୍ରମାନଙ୍କଠାରୁ ପ୍ରାପ୍ତ ହୋଇଥିଲା ।

ରେକର୍ଡ ଯାଞ୍ଚରୁ ଜଣାଗଲା ଯେ, 4,16,478 ଓବିସି ଆବେଦନକାରୀଙ୍କ ମଧ୍ୟରୁ, 27,544 ଛାତ୍ରୀଛାତ୍ର 50 ପ୍ରତିଶତରୁ କମ୍ ମାର୍କ ରଖିଥିଲେ । ଏହି ଆବେଦନଗୁଡ଼ିକୁ ମାନୁଆଲ ଯାଞ୍ଚ କରାଯାଇ ଅଲଗା କରାଯାଇଥିଲା କାରଣ ସିଷ୍ଟମରେ ଅଯୋଗ୍ୟ ଆବେଦନମାନଙ୍କର ଆବେଦନଗୁଡ଼ିକୁ ବାତିଲ୍ କରିବା ପାଇଁ ଉପଯୁକ୍ତ ବିଧିମାନ୍ୟତା ନିୟନ୍ତ୍ରଣ ବ୍ୟବହାର ଅଭାବ ରହିଥିଲା । ମାନୁଆଲ ଯାଞ୍ଚ ପ୍ରକ୍ରିୟାରେ କମ୍ ମାର୍କ ରଖିଥିବା 1,719 ଆବେଦନଗୁଡ଼ିକର ଅଯୋଗ୍ୟତା ଚିହ୍ନଟ ହୋଇପାରିନଥିଲା ଓ ସେମାନଙ୍କୁ 49.22 ଲକ୍ଷ ଟଙ୍କାର ପିଏମ୍ଏସ୍ ଅର୍ଥପ୍ରଦାନ କରାଯାଇଥିଲା । ଏଥିରେ ଆଠଟି ନମୁନା ଜିଲ୍ଲାଗୁଡ଼ିକର ପାଞ୍ଚଟି ଜିଲ୍ଲାର[45] 10 ଓବିସି ଆବେଦନକାରୀ ଅନ୍ତର୍ଭୁକ୍ତ ଥିଲେ, ଯେଉଁମାନେ ଅନ୍ତିମ ପରୀକ୍ଷାରେ 50 ପ୍ରତିଶତ ମାର୍କ ରଖିପାରିନଥିଲେ, କିନ୍ତୁ, ସେମାନଙ୍କୁ 25,420 ଟଙ୍କାର ବୃତ୍ତି ପ୍ରଦାନ କରାଯାଇଥିଲା । ଅଯୋଗ୍ୟ ଆବେଦନକାରୀମାନଙ୍କୁ ବାତିଲ୍ କରିବାକୁ ପ୍ରେରଣା ପୋର୍ଟାଲ ଆବଶ୍ୟକୀୟ ବିଧିମାନ୍ୟତା ନିୟନ୍ତ୍ରଣ ସାଧନ ସହିତ ବ୍ୟବସ୍ଥିତ ହୋଇନଥିବା ଏହା ସୂଚିତ କରୁଥିଲା ।

ଉପରେ ବର୍ଣ୍ଣିତ ଅସଙ୍ଗତିଗୁଡ଼ିକ 2020-21 ଠାରୁ ପ୍ରେରଣା ସ୍ଥାନରେ ଓଏସ୍ଏସ୍ପିରେ ମଧ୍ୟ ପ୍ରତିସ୍ଥାପିତ ରହିଆସିଛି । ଓଏସ୍ଏସ୍ପିରେ 2020-21 ପାଇଁ ଓବିସି ଛାତ୍ରୀଛାତ୍ରମାନଙ୍କଠାରୁ ପ୍ରାପ୍ତ 1,39,453 ଆବେଦନଗୁଡ଼ିକ ମଧ୍ୟରୁ 1,750 ଆବେଦନକାରୀ, ସେମାନଙ୍କର ଅନ୍ତିମ ପରୀକ୍ଷାରେ 50 ପ୍ରତିଶତରୁ କମ୍ ମାର୍କ ରଖିଥିଲେ, ଯେଉଁମାନଙ୍କ ମଧ୍ୟରୁ 48 ଆବେଦନକାରୀଙ୍କୁ 3.35 ଲକ୍ଷ ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା ।

ତେଣୁ, ଉଭୟ ପ୍ରେରଣା ଓ ଓଏସ୍ଏସ୍ପି ସିଷ୍ଟମରେ ଯୋଜନା କାର୍ଯ୍ୟକାରିତା ନିୟମାବଳୀ ବ୍ୟବସ୍ଥାଗୁଡ଼ିକର ସମ୍ପର୍କ ଅଭାବରୁ, ଅଯୋଗ୍ୟ ଆବେଦନଗୁଡ଼ିକ ଅଗ୍ରାହ୍ୟ ହୋଇପାରିନଥିଲା, ଯାହାଦ୍ୱାରା 2017-21 ଅବଧିରେ, 52.57 ଲକ୍ଷ ଟଙ୍କାର ପିଏମ୍ଏସ୍ ଅଯୋଗ୍ୟ ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିଲା ।

ଉତ୍ତରରେ, ଏସ୍ଏସ୍ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ, ପ୍ରେରଣାରେ ବିଧିମାନ୍ୟତା ନିୟନ୍ତ୍ରଣ ଉପଲବ୍ଧ ନଥିଲା, କିନ୍ତୁ ଏହା ଓଏସ୍ଏସ୍ପିରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ପୂର୍ବ ପରୀକ୍ଷାରେ 50 ପ୍ରତିଶତରୁ କମ୍ ମାର୍କ ରଖିଥିବା ଓବିସି ଛାତ୍ରୀଛାତ୍ରମାନଙ୍କର ଆବେଦନ ଗୁଡ଼ିକ ଓଏସ୍ଏସ୍ପିରେ ଗ୍ରହଣ କରାଯାଇଥିଲା ।

### 5.2.2 ଯେଉଁ ଆବେଦନକାରୀମାନଙ୍କ ମାତାପିତାଙ୍କର ଆୟ ନିର୍ଦ୍ଧାରିତ ସୀମାରୁ ଅଧିକ ଅଛି, ସେମାନଙ୍କୁ ପିଏମ୍ଏସ୍ ଅର୍ଥ ପ୍ରଦାନ

ପିଏମ୍ଏସ୍ ମାର୍ଗଦର୍ଶିକା ଏବଂ ଏସ୍ଏସ୍ଡି ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଯେଉଁ ଏସ୍ଟି/ ଏସ୍ସି ଛାତ୍ରୀଛାତ୍ରମାନଙ୍କର ମାତାପିତାଙ୍କର ବାର୍ଷିକ ଆୟ ସବୁପ୍ରକାରର ଉତ୍ସରୁ 2.50 ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନୁହେଁ, ସେମାନେ 2017-21 ଅବଧି ମଧ୍ୟରେ ପିଏମ୍ଏସ୍ ପାଇଁ ଯୋଗ୍ୟ ବିବେଚିତ ହେବେ । ସେହିପରି ଭାବରେ, ଓବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ମାତାପିତାଙ୍କର ବାର୍ଷିକ ଆୟର ସର୍ବୋଚ୍ଚ ସୀମା ଅଗଷ୍ଟ 2018 ପର୍ଯ୍ୟନ୍ତ, 1 ଲକ୍ଷ ଟଙ୍କା, 2019-20 ସୁଦ୍ଧା 1.50 ଲକ୍ଷ ଟଙ୍କା ଏବଂ 2020-21 ପରଠାରୁ 2.50 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା । ଇବିସି ଛାତ୍ରୀଛାତ୍ରମାନଙ୍କ କ୍ଷେତ୍ରରେ, 2017-20 ଅବଧି ପାଇଁ ମାତାପିତାଙ୍କର ବାର୍ଷିକ ଆୟର ସର୍ବୋଚ୍ଚ ସୀମା 1 ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ଏବଂ 2020-21 ପରଠାରୁ ଆଗକୁ 2.50 ଲକ୍ଷ ଟଙ୍କାରେ ଧାର୍ଯ୍ୟ କରାଯାଇଥିଲା । ଏତଦ୍ବ୍ୟତୀତ, ମାର୍ଗଦର୍ଶିକାରେ ଏହା ମଧ୍ୟ ଉଲ୍ଲେଖିତ ଯେ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍ଡିଏମ୍) ବିଭାଗର କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଆୟ ପ୍ରମାଣପତ୍ରରେ

[45] ବଲାଙ୍ଗୀର, ଝାରସୁଗୁଡ଼ା, କଳାହାଣ୍ଡି, ମାଲକାନଗିରି ଏବଂ ନୟାଗଡ଼

ଉଲ୍ଲେଖିତ ଆୟ କେବଳ ବିଚାରକୁ ନିଆଯିବ । ଆର୍‌ଡିଏମ୍ ବିଭାଗର ସଂକଳ୍ପ (ସେପ୍ଟେମ୍ବର 2018) ଅନୁସାରେ, ଏପରି ଜାରି କରାଯାଇଥିବା ଆୟ ପ୍ରମାଣପତ୍ର, ଜାରି କରାଯାଇଥିବା ତାରିଖ ଠାରୁ ତିନି ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଉପରଲିଖିତ ଯୋଗ୍ୟତା ମାନଦଣ୍ଡର ବିରୁଦ୍ଧାଚରଣ କରାଯାଇ ମାତାପିତାଙ୍କର ବାର୍ଷିକ ଆୟ ନିର୍ଦ୍ଧାରିତ ସର୍ବୋଚ୍ଚ ସୀମା ଠାରୁ ଉର୍ଦ୍ଧ୍ୱରେ ଥିବା ଛାତ୍ରୀଛାତ୍ରମାନଙ୍କୁ 2017-21 ଅବଧିରେ ପିଏମ୍‌ଏସ୍ ଅର୍ଥ ପ୍ରଦାନ କରାଯାଇଥିବାର ଦେଖାଯାଇଥିଲା । ଶ୍ରେଣୀ ଭିତ୍ତିରେ, ସିଷ୍ଟମରେ ଗ୍ରହଣ କରାଯାଇଥିବା ଆବେଦନର ସଂଖ୍ୟା, ଯେଉଁ ମାମଲାଗୁଡ଼ିକରେ ମାତାପିତାଙ୍କର ଆୟ ନିର୍ଦ୍ଧାରିତ ସର୍ବୋଚ୍ଚ ସୀମାଠାରୁ ବେଶୀ, ମଞ୍ଜୁର କରାଯାଇଥିବା ଆବେଦନଗୁଡ଼ିକର ସଂଖ୍ୟା ଏବଂ ପ୍ରଦାନ କରାଯାଇଥିବା ଅର୍ଥର ପରିମାଣ ଇତ୍ୟାଦି, ***ସାରଣୀ 5.1*** ରେ ବିଶଦ ଭାବରେ ଦର୍ଶାଯାଇଛି:

***ସାରଣୀ 5.1: ଅଯୋଗ୍ୟ ପିଏମ୍‌ଏସ୍ ଆବେଦନଗୁଡ଼ିକର ଅନୁମୋଦନ ଓ ଦେୟ ପ୍ରଦାନର ସଂକ୍ଷିପ୍ତ ରୂପ***

| ଛାତ୍ରୀଛାତ୍ରଙ୍କ ବର୍ଗ | ଗ୍ରହଣ ହୋଇଥିବା ଆବେଦନଗୁଡ଼ିକର ସଂଖ୍ୟା | ମଞ୍ଜୁରୀ ପ୍ରାପ୍ତ ଆବେଦନଗୁଡ଼ିକର ସଂଖ୍ୟା | ପ୍ରଦାନ କରାଯାଇଥିବା ପିଏମ୍‌ଏସ ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|---|
| *ପ୍ରେରଣା* | | | |
| ଏସ୍‌ସି ଏବଂ ଏସ୍‌ଟି | 3,916 | 51 | 3.26 |
| ଓବିସି/ଇବିସି | 5,675 | 276 | 14.56 |
| ଇବିସି | 122 | 0 | 0 |
| ଉପମୋଟ୍ | **9,713** | **327** | **17.82** |
| *ଓଏସ୍‌ଏସ୍‌ପି* | | | |
| ଏସ୍‌ସି ଏବଂ ଏସ୍‌ଟି | 947 | 1 | 0.06 |
| ଓବିସି/ଇବିସି | 633 | 0 | 0.00 |
| ଇବିସି | 81 | 0 | 0.00 |
| ଉପମୋଟ୍ | 1,661 | 1 | 0.06 |
| ସର୍ବମୋଟ୍ | **11,374** | **328** | **17.88** |

***(ଉତ୍ସ: ପ୍ରେରଣା ଏବଂ ଓଏସ୍‌ଏସ୍‌ପିର ତଥ୍ୟ ଗଦା ଏବଂ ଏସ୍‌ଏସ୍‌ଡି ବିଭାଗର ଅର୍ଥ ପ୍ରଦାନ ନଥିରୁ)***

ଅଡିଟ୍ ଲକ୍ଷ୍ୟ କଲେ ଯେ, ମାତାପିତାଙ୍କର ଆୟ ପରିପ୍ରେକ୍ଷୀରେ ଯୋଗ୍ୟତାର ମାପଦଣ୍ଡ ପୂରଣ କରୁନଥିବା ଆବେଦନଗୁଡ଼ିକୁ ବାତିଲ କରିବା ପାଇଁ ପ୍ରେରଣାର ପୋର୍ଟାଲରେ ଆବଶ୍ୟକୀୟ ଅନ୍ତର୍ନିହିତ ନିୟନ୍ତ୍ରଣ ବ୍ୟବସ୍ଥା ନଥିଲା । 2020-21 ଠାରୁ ବ୍ୟବହୃତ ହୋଇଥିବା ଓଏସ୍‌ଏସ୍‌ପି ପୋର୍ଟାଲରେ ମଧ୍ୟ ସେହି ଅସମ୍ପୂର୍ଣ୍ଣତା ଜାରି ରହିଥିଲା । ଓଏସ୍‌ଏସ୍‌ପି ଓ ପ୍ରେରଣା ସିଷ୍ଟମରେ ଆୟ ପ୍ରମାଣପତ୍ର ଅନୁସାରେ ଆୟକୁ ଦରଜ କରାଯାଇଥିଲା, କିନ୍ତୁ ନିୟନ୍ତ୍ରଣ ବ୍ୟବସ୍ଥାର ଅଭାବରୁ, ଆୟ ମାପଦଣ୍ଡକୁ ପୂରଣ କରୁନଥିବା, ଆବେଦନକାରୀମାନଙ୍କୁ ଅଲଗା କରାଯାଇପାରୁ ନଥିଲା । ଏହିପରି ଭାବରେ, ପୋର୍ଟାଲଗୁଡ଼ିକ ମଧ୍ୟରେ ଥିବା ବିଧିମାନ୍ୟତା ନିୟନ୍ତ୍ରଣ ବ୍ୟବସ୍ଥାଗୁଡ଼ିକ ଅଯୋଗ୍ୟ ମାମଲାଗୁଡ଼ିକୁ ଚିହ୍ନଟ କରିବାରେ କୌଣସି ସହାୟତା କରିପାରୁନଥିଲା, ଯାହାଫଳରେ, ଆବେଦନଗୁଡ଼ିକର ସଠିକ୍ ପ୍ରକ୍ରିୟାକରଣ ପାଇଁ ମାନବଶ୍ରମର ହସ୍ତକ୍ଷେପ ଉପରେ ନିର୍ଭର କରିବାକୁ ପଡ଼ିଥିଲା ।

ମାନୁଆଲ ପଦ୍ଧତିରେ ଯାଞ୍ଚ କରାଯାଇଥିବା 11,374 ଆବେଦନଗୁଡ଼ିକ ମଧ୍ୟରୁ, 328 ଆବେଦନ (2.88 ପ୍ରତିଶତ) ତ୍ରୁଟିପୂର୍ଣ୍ଣ ଭାବରେ ପିଏମ୍‌ଏସ୍ ମଞ୍ଜୁରୀ କରାଯାଇଥିଲା । ଅନ୍ତର୍ନିହିତ ନିୟନ୍ତ୍ରଣ ବ୍ୟବସ୍ଥାଗୁଡ଼ିକ ଦୃଷ୍ଟିରୁ ଆଇଟି ସିଷ୍ଟମଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଭରସାଯୋଗ୍ୟ ନଥିଲେ, ଏବଂ ପିଏମ୍‌ଏସ୍ ପାଇଁ ଆବେଦନକାରୀଙ୍କର ଯୋଗ୍ୟତାକୁ ବିଚାର କରିବା ପାଇଁ ମାନବ ଶ୍ରମ ଦ୍ୱାରା ଯାଞ୍ଚ ଉପରେ ନିର୍ଭରଶୀଳ ଥିଲେ । ପିଏମ୍‌ଏସ୍‌କୁ ମଞ୍ଜୁରୀ ଦେବା ସମ୍ପର୍କରେ, ଆଠଟି ନମୁନାକୃତ ଜିଲ୍ଲାର ଡିଡବ୍ଲୁଓ ରେକର୍ଡକୁ ଅଡିଟ୍ ପରୀକ୍ଷା କରିଥିଲେ ଏବଂ ଆବେଦନକାରୀମାନେ ଆବେଦନପତ୍ର ସହିତ ଦାଖଲ କରିଥିବା ଆୟ ପ୍ରମାଣପତ୍ରରେ ଥିବା ନିମ୍ନଲିଖିତ ଅନିୟମିତତାଗୁଡ଼ିକୁ ଲକ୍ଷ୍ୟ କରିଥିଲେ:

- ***ଅବୈଧ ଆୟ ପ୍ରମାଣପତ୍ର*** **:** ସେପ୍ଟେମ୍ବର 2018 ରେ ଆର୍‌ଡିଏମ୍ ବିଭାଗ ଆଦେଶାବଳୀ ଜାରି କରିଥିଲେ ଯେ ଆୟ ପ୍ରମାଣପତ୍ରଗୁଡ଼ିକର ବୈଧତା, ଜାରି କରାଯାଇଥିବା ତାରିଖଠାରୁ ତିନି ବର୍ଷ

ପର୍ଯ୍ୟନ୍ତ ବଳବତ୍ତର ରହିବ । 2018-19 ଠାରୁ 2020-21 ବର୍ଷ ଗୁଡ଼ିକ ମଧ୍ୟରେ, ଛଅଟି ନମୁନାକୃତ ଜିଲ୍ଲାର[46], 103 ଆବେଦନକାରୀ ସେମାନଙ୍କର ମାତାପିତାଙ୍କର ଆୟ ସମ୍ପର୍କରେ ଦେଇଥିବା ଆୟ ପ୍ରମାଣପତ୍ରଗୁଡ଼ିକ ତିନି ବର୍ଷ ଠାରୁ ଅଧିକ ପୁରୁଣା ଥିବା ଦେଖାଯାଇଥିଲା, ତେଣୁ, ଅବୈଧ ଥିଲା । ଉଭୟ ପ୍ରେରଣା ଓ ଓଏସ୍ଏସ୍ପି ସିଷ୍ଟମରେ ଆୟ ପ୍ରମାଣପତ୍ର ଜାରି କରାଯାଇଥିବା ତାରିଖକୁ ତଦାରଖ କରିବା ପାଇଁ କୌଣସି ବ୍ୟବସ୍ଥା ନଥିଲା । ତେଣୁ, ଆୟ ପ୍ରମାଣପତ୍ରଗୁଡ଼ିକର ବୈଧତା ଯାଞ୍ଚ କରିବା, ସିଷ୍ଟମଗୁଡ଼ିକ ଦ୍ୱାରା ସମ୍ଭବ ହୋଇନଥିଲା ଏବଂ ଏହାଫଳରେ ମାନୁଆଲ ଯାଞ୍ଚ ଦ୍ୱାରା ପରୀକ୍ଷା କରିବାକୁ ପଡ଼ିଥିଲା । ମାନୁଆଲ ଯାଞ୍ଚ କରିବା ସମୟରେ ଯଥୋଚିତ ପଦକ୍ଷେପ ଗ୍ରହଣ କରାଯାଇନଥିଲା, ଯାହା ଫଳରେ କାଳବାରିତ ଆୟ ପ୍ରମାଣପତ୍ରଗୁଡ଼ିକ ଗ୍ରହଣ କରାଯାଇଥିଲା ଓ 2018-21 ଅବଧି ପାଇଁ 10.90 ଲକ୍ଷ ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା । ଏହାଛଡା, 2018-20 ଅବଧିରେ ମାଲକାନଗିରି ଜିଲ୍ଲାର ଦୁଇ ଜଣ ହିତାଧିକାରୀମାନଙ୍କର ନାମଗୁଡ଼ିକୁ ହେରଫେର କରାଯାଇଥିବାର ଲକ୍ଷ୍ୟ କରାଯାଇଥିଲା । ସେହି ହିତାଧିକାରୀମାନଙ୍କୁ 5,770 ଟଙ୍କାର ପିଏମ୍ଏସ୍ ଅର୍ଥ ପ୍ରଦାନ କରାଯାଇଥିଲା ।

- ***ମାତାପିତାଙ୍କର ଉଚ୍ଚ ଆୟ*** : 2017-20 ଅବଧିରେ, ନୟାଗଡ଼ ଓ ଝାରସୁଗୁଡ଼ାର ଡିଡବ୍ଲୁଓମାନେ 11 ଜଣ ଆବେଦନକାରୀଙ୍କୁ 1.36 ଲକ୍ଷ ଟଙ୍କାର ପିଏମ୍ଏସ୍ ମଞ୍ଜୁରୀ ପ୍ରଦାନ କରିଥିଲେ, ଯେଉଁମାନଙ୍କର ମାତାପିତାଙ୍କର ଆୟ, ସେମାନଙ୍କର ଆବେଦନପତ୍ର ସହିତ ସଂଶ୍ଳିଷ୍ଟ ଆୟ ପ୍ରମାଣପତ୍ର ଅନୁସାରେ ନିର୍ଦ୍ଧାରିତ ଆୟ ସୀମାର ଉର୍ଦ୍ଧ୍ୱରେ ଥିଲା । ଉପର ଲିଖିତ ମାମଲାଗୁଡ଼ିକରେ, ଆୟ ପ୍ରମାଣପତ୍ର ଅନୁସାରେ, ମାତାପିତାଙ୍କର ଆୟ, ଓବିସି ଛାତ୍ରୀଛାତ୍ରମାନଙ୍କର କ୍ଷେତ୍ରରେ, ବାର୍ଷିକ 2.42 ରୁ 4.96 ଲକ୍ଷ ଟଙ୍କା ମଧ୍ୟରେ ରହିଥିଲା ବେଂ ଏସ୍ଟି/ ଏସ୍ସି ଛାତ୍ରୀଛାତ୍ରମାନଙ୍କ କ୍ଷେତ୍ରରେ 2.98 ରୁ 5.78 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିଲା ।

ଡିଡବ୍ଲୁଓ, ମାଲକାନଗିରିର ରେକର୍ଡଗୁଡ଼ିକରୁ ଅଡିଟ୍ ମଧ୍ୟ ଲକ୍ଷ୍ୟ କରିଥିଲେ ଯେ, 2017-21 ମଧ୍ୟରେ ଯେଉଁ 27 ଜଣ ଏସ୍ସି/ଏସ୍ଟି ଆବେଦନକାରୀମାନଙ୍କୁ 1.59 ଲକ୍ଷ ଟଙ୍କାର ପିଏମ୍ଏସ୍ ମଞ୍ଜୁରୀ ପ୍ରଦାନ କରାଯାଇଥିଲା, ସେହି ଛାତ୍ରୀଛାତ୍ରମାନେ ସେମାନଙ୍କର ଆବେଦନଗୁଡ଼ିକ ସହିତ ଯେଉଁ ଜାତି ପ୍ରମାଣପତ୍ର ସଂଲଗ୍ନ କରିଥିଲେ, ସେହିଗୁଡ଼ିକ ଆବେଦନକାରୀଙ୍କ ନାମରେ ଜାରି ନହୋଇ, ଅନ୍ୟ ବ୍ୟକ୍ତିମାନଙ୍କର ନାମରେ ଜାରି କରାଯାଇଥିଲା ।

ଉତ୍ତରରେ, ଏସ୍ଏସ୍ଡି ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2022) ଯେ ପ୍ରେରଣାରେ ବିଧିମାନ୍ୟତା ନିୟନ୍ତ୍ରଣ ବ୍ୟବସ୍ଥା ଉପଲବ୍ଧ ନଥିଲା, କିନ୍ତୁ ଏହାକୁ ଓଏସ୍ଏସ୍ପିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ଉପରୋକ୍ତ ତ୍ରୁଟିପୂର୍ଣ୍ଣ ଆବେଦନଗୁଡ଼ିକୁ ଓଏସ୍ଏସ୍ପିରେ ଗ୍ରହଣ କରାଯାଇଥିଲା ଏବଂ ଆବେଦନଗୁଡ଼ିକର ଯାଞ୍ଚ ସମୟରେ ମଧ୍ୟ ଦେଖାଯାଇଥିଲା ।

### *5.2.3 ପାଠ୍ୟକ୍ରମ ଅବଧି ପର ସମୟ ପାଇଁ ପିଏମ୍ଏସ୍ ପ୍ରଦାନ*

ପିଏମ୍ଏସ୍ ଓ ମେଧାବୃତ୍ତି ମାର୍ଗଦର୍ଶିକାର ଅନୁଚ୍ଛେଦ VIII ଅନୁସାରେ, ଥରେ ବୃତ୍ତି ଅନୁମୋଦନ କରାଗଲେ, ଏହାକୁ ଦିଆଯାଇଥିବା ସ୍ତରରୁ ଆରମ୍ଭ ପାଠ୍ୟକ୍ରମ ଅବଧି ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରଦାନ କରାଯିବ ।

ପ୍ରେରଣା, ଓଏସ୍ଏସ୍ପି ଏବଂ ଇ-ମେଧାବୃତ୍ତିର ଡାଟାବେସକୁ ବିଶ୍ଳେଷଣ କରି ଏହା ଲକ୍ଷ୍ୟ କରାଗଲା ଯେ:

- 2017-21 ଅବଧିରେ, 832 ଜଣ ଛାତ୍ରୀଛାତ୍ରମାନଙ୍କୁ ପିଏମ୍ଏସ୍ ଅର୍ଥ ପ୍ରଦାନ କରାଯାଇଥିଲା, ଯେଉଁମାନଙ୍କର ପାଠ୍ୟକ୍ରମ ଅବଧି ସରିଯାଇଥିଲା । ଉଦାହରଣ ସ୍ୱରୂପ, +2 ପାଠ୍ୟକ୍ରମ (ଯାହାକି ଏକ ଦ୍ୱି-ବାର୍ଷିକ ପାଠ୍ୟକ୍ରମ ଅଟେ)ରେ ନାମ ଲେଖାଇଥିବା 84 ଜଣ ଛାତ୍ରୀଛାତ୍ରଙ୍କୁ ତିନି ରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବୃତ୍ତି ପ୍ରଦାନ କରାଯାଇଥିଲା । ରାଜ୍ୟର 30 ଟି ଜିଲ୍ଲାର 279 ଟି ସଂସ୍ଥାର 832 ଜଣ ଆବେଦନକାରୀମାନଙ୍କୁ ସେମାନଙ୍କର ପାଠ୍ୟକ୍ରମ ଅବଧି ସରିଯିବା ପରେ ମଧ୍ୟ ବୃତ୍ତି ପ୍ରଦାନ

46 ବଲାଙ୍ଗୀର, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, ମାଲକାନଗିରି ଏବଂ ନୟାଗଡ଼

କରାଯାଇଥିଲା, ଯାହାଫଳରେ 2.46 କୋଟି ଟଙ୍କାର ଅଧିକ ବ୍ୟୟ ହୋଇଥିଲା ଯାହା, ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 5.2: 2017-21 ଅବଧିରେ ପାଠ୍ୟକ୍ରମ ଅବଧି ପରେ ପିଏମ୍ଏସ୍ ପ୍ରଦାନ***

| କ୍ର.ସଂ. | ବର୍ଷ | ହିତାଧିକାରୀଙ୍କ ସଂଖ୍ୟା | ଅଧିକ ବ୍ୟୟ (ଲକ୍ଷ ଟଙ୍କାରେ) |
|---|---|---|---|
| 1 | 2017-18 | 524 | 174.89 |
| 2 | 2018-19 | 285 | 62.93 |
| 3 | 2019-20 | 22 | 8.01 |
| 4 | 2020-21 | 1 | 0.32 |
| | **ମୋଟ** | **832** | **246.15** |

***(ଉତ୍ସ: ପ୍ରେରଣା ଓ ଆଇଏଫ୍ଏମ୍ଏସ୍ ତଥ୍ୟ ଆଧାରରେ ଅନୁଶୀଳନ)***

- ଇ-ମେଧାବୃତ୍ତି ଡାଟାବେସର ଅଧିକ ବିଶ୍ଳେଷଣ ଓ ଆଇଏଫ୍ଏମ୍ଏସ୍‌ର ଡାଟାବେସ୍ ସହିତ ତୁଳନାତ୍ମକ ଯାଞ୍ଚରୁ ଦେଖାଗଲା ଯେ, 2017-20 ଅବଧିରେ ଜୁନିୟର ମେରିଟ୍, ସିନିୟର ମେରିଟ୍ ଓ ପିଜି ମେରିଟ୍ ବର୍ଗରେ 638 ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଧାରିତ ପାଠ୍ୟକ୍ରମ ସମୟ ପରଠାରୁ ଏକ ରୁ ତିନି ବର୍ଷ ପର୍ଯ୍ୟନ୍ତ ବୃତ୍ତି ପ୍ରଦାନ କରାଯାଇଥିଲା, ଯାହାଫଳରେ, 0.28 କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

ଏହିପରି ଭାବରେ, ବୃତ୍ତିକୁ ପାଠ୍ୟକ୍ରମ ଅବଧି ମଧ୍ୟରେ ସୀମିତ ରଖିବା ନିମନ୍ତେ, ଏକ ଅନ୍ତର୍ନିହିତ ଯାଞ୍ଚ ସୁବିଧା ବ୍ୟବସ୍ଥା କରିବାକୁ, ସଂପୃକ୍ତ ପାଠ୍ୟକ୍ରମ ଅବଧି ସହିତ ବୃତ୍ତି ପ୍ରଦାନ ସଂଯୋଗ କରିବା ନିମନ୍ତେ ସିଷ୍ଟମ ପ୍ରସ୍ତୁତ କରାଯାଇନଥିଲା । ଏହିପରି ଅନ୍ତର୍ନିହିତ ବ୍ୟବସ୍ଥା ପ୍ରଚଳନରେ ବିଫଳତା ଫଳରେ 2.74 କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ଏବଂ ସେହି ଅନୁପାତରେ ଡିବିଟିର ଉଦ୍ଦେଶ୍ୟ ହାସଲ ହୋଇନଥିଲା ।

ଉତ୍ତରରେ, ଏସ୍ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ, ପ୍ରେରଣାରେ ବିଧିମାନ୍ୟତା ଯାଞ୍ଚ ବ୍ୟବସ୍ଥା ଉପଲବ୍ଧ ନଥିବାରୁ, ଛାତ୍ରୀଛାତ୍ରମାନେ ଦୁଇଟି ଶିକ୍ଷା ବର୍ଷ ପାଇଁ ସମାନ ପାଠ୍ୟକ୍ରମ ବର୍ଷରେ, ଏକାଧିକ ଆଇଡି ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ । ଯାହାହେଉ, ଓଏସ୍ଏସ୍‌ପିରେ ସମସ୍ତ ପାଠ୍ୟକ୍ରମଗୁଡ଼ିକୁ ବ୍ୟବସ୍ଥିତ ପାଠ୍ୟକ୍ରମ ଅବଧି ସହିତ ସଂଯୋଗ କରାଯାଇଥିଲା ଏବଂ ଉପଯୁକ୍ତ ଅଙ୍କୁଶ ମଧ୍ୟ ଲଗାଯାଇଥିଲା । ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ କାରଣ ଓଏସ୍ଏସ୍‌ପିର ଏହି ତ୍ରୁଟି ଏବେ ମଧ୍ୟ ଜାରି ରହିଛି ।

***ସୁପାରିଶ 5.2:***

***ଅଯୋଗ୍ୟ ଆବେଦନକାରୀଙ୍କ ସପକ୍ଷରେ ଅନୁମୋଦନ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ହିତାଧିକାରୀଙ୍କୁ ଅଧିକ ଦେୟ ପ୍ରଦାନ ରୋକିବା ପାଇଁ ଓଏସ୍ଏସ୍‌ପି ବ୍ୟବସ୍ଥାରେ ଯୋଜନା କାର୍ଯ୍ୟକାରୀ ନିୟମଗୁଡ଼ିକୁ ସଠିକ୍ ଭାବେ ଲିଙ୍କ୍ କରିବା ସହିତ ବୈଧିକରଣ ନିୟନ୍ତ୍ରଣକୁ ସୁଦୃଢ଼ କରାଯିବା ଉଚିତ୍ ।***

### 5.2.4 ଯୋଗ୍ୟ ଓବିସି ହିତାଧିକାରୀଙ୍କୁ ପିଏମ୍ଏସ୍ ପ୍ରଦାନ କରାନଯିବା

ସୁବିଧା ପ୍ରଦାନ ବ୍ୟବସ୍ଥାକୁ ଅଧିକ ଦକ୍ଷ କରାଯାଇ ଉଦ୍ଦିଷ୍ଟ ହିତାଧିକାରୀମାନଙ୍କ ସଠିକ୍ ଚିହ୍ନଟ ବିଷୟ ଡିବିଟି ଉଲ୍ଲେଖ କରେ । ଏଥି ସହିତ ଓବିସି ପାଇଁ ପିଏମ୍ଏସ୍ ମାର୍ଗଦର୍ଶିକା 2018 ଉଲ୍ଲେଖ କରେ ଯେ: (କ) ପ୍ରତ୍ୟେକ ଯୋଗ୍ୟ ଓବିସି ପ୍ରାର୍ଥୀଙ୍କୁ ବୃତ୍ତି ପ୍ରଦାନ କରାଯିବ, ଯଦି ସେମାନେ ଏଥି ନିମନ୍ତେ ଧାର୍ଯ୍ୟ ଯୋଗ୍ୟତା ମାପଦଣ୍ଡ ପୂରଣ କରୁଥିବେ, (ଖ) ପ୍ରତିଶ୍ରୁତିବଦ୍ଧ ପାଣ୍ଠି[47] ପ୍ରଦାନ ଓ ଅତିରିକ୍ତ ବୃତ୍ତି ପାଇଁ ପାଇଥିବା କେନ୍ଦ୍ରୀୟ ସହାୟତା ବାଦ୍ ରାଜ୍ୟ ସରକାର ରାଜ୍ୟ ଯୋଜନାରୁ ଅବାଧ ପାଣ୍ଠି ପ୍ରଦାନ କରିବେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ 2018-19 ଅବଧିରେ ଆବେଦନ କରିଥିବା ରାଜ୍ୟର 1,82,153 ଆବେଦନକାରୀଙ୍କ ମଧ୍ୟରୁ 1,38,030 ଆବେଦନକାରୀ ପିଏମ୍ଏସ୍ ଲାଭ କରିଥିଲେ ଓ ଅବଶିଷ୍ଟ 44,123 ଆବେଦନକାରୀ, ଡିଡବ୍ଲୁଓଙ୍କ ଦ୍ୱାରା ବୃତ୍ତି ଅନୁମୋଦନ କରାଯିବା ସତ୍ତ୍ୱେ ମାର୍ଚ୍ଚ 2021 ସୁଦ୍ଧା ବୃତ୍ତି ପାଇନଥିଲେ । ଆଠଟି ନମୁନା

[47] ଯେକୌଣସି ଯୋଜନା ଅବଧିରେ ଅନ୍ତିମ ବର୍ଷରେ ଏକ ରାଜ୍ୟ ଦ୍ୱାରା ଏକ ଯୋଜନା ବାବଦରେ କରିଥିବା ଖର୍ଚ୍ଚ

ଜିଲ୍ଲା ମଧ୍ୟରୁ ଚାରିଟିରେ ଅଡିଟ୍ ଲକ୍ଷ୍ୟ କଲେ ଯେ 2018-19 ପାଇଁ ଅନୁମୋଦିତ 5,854 ଆବେଦନଗୁଡ଼ିକୁ[48] ମାର୍ଚ୍ଚ 2021 ସୁଦ୍ଧା ବୃତ୍ତି ପ୍ରଦାନ କରାଯାଇନଥିଲା, ଯଦିଓ ସେଗୁଡ଼ିକ ନଭେମ୍ବର 2018 ରୁ ଫେବୃଆରୀ 2019 ମଧ୍ୟରେ ଡିଡବ୍ଲୁଓଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା ।

ଏସ୍ଏସ୍ଡି ବିଭାଗ ଓ ନମୁନା ଜିଲ୍ଲାଗୁଡ଼ିକର ଡିଡବ୍ଲୁଓମାନେ ପାଣ୍ଠି ଅନୁପଲବ୍ଧତାକୁ ପିଏମ୍ଏସ୍ ପ୍ରଦାନ କରାନଯିବାର କାରଣ ଭାବରେ ଦର୍ଶାଇଥିଲେ । କିନ୍ତୁ, ଏହି କାରଣ ବିପକ୍ଷରେ ଏସ୍ଏସ୍ଡି ବିଭାଗ ପିଏମ୍ଏସ୍ ପାଇଁ 2018-19 ର ଆବଣ୍ଟିତ ବଜେଟ ରାଶିରୁ 25.89 କୋଟି ଟଙ୍କା, ଓବିସି ଆବେଦନକାରୀମାନଙ୍କୁ ବୃତ୍ତି ପ୍ରଦାନରେ ବ୍ୟବହାର କରିବା ପରିବର୍ତ୍ତେ ଫେରସ୍ତ କରି ଦେଇଥିଲେ । ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ସୁବିଧା ପ୍ରଦାନ କରାନଯିବା ବ୍ୟତୀତ, ଏହା ଏସ୍ଏସ୍ଡି ବିଭାଗର ଦୁର୍ବଳ ବଜେଟ୍ ପରିଚାଳନାକୁ ଦର୍ଶାଉଥିଲା ।

ଏସ୍ଏସ୍ଡି ବିଭାଗ କୌଣସି ଉତ୍ତର ପ୍ରଦାନ କରିନଥିଲେ ।

### 5.2.5 ଅତ୍ୟଧିକ/ ସ୍ୱଳ୍ପ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ

ଅନୁମୋଦିତ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରମାନଙ୍କ କ୍ଷେତ୍ରରେ, 1 ଅପ୍ରେଲ କିମ୍ବା ଆଡମିଶନ ମାସ ମଧ୍ୟରୁ ପରେ ଆସୁଥିବା ଦିନ ଠାରୁ ଶିକ୍ଷା ବର୍ଷର ପରୀକ୍ଷା ଶେଷ ହେଉଥିବା ମାସ ପର୍ଯ୍ୟନ୍ତ ସର୍ବୋଚ୍ଚ 10 ମାସ ପାଇଁ ରକ୍ଷଣାବେକ୍ଷଣ ଭତ୍ତା (ଏମ୍ଏ) ପ୍ରଦାନ ପାଇଁ ପିଏମ୍ଏସ୍ ମାର୍ଗଦର୍ଶିକାରେ ଉଲ୍ଲେଖ ଅଛି । ହଷ୍ଟେଲ ବାହାରେ ରହୁଥିବା ଛାତ୍ରୀଛାତ୍ରଙ୍କ ରକ୍ଷଣାବେକ୍ଷଣ ଭତ୍ତା ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ଠାରୁ ସ୍ୱଳ୍ପ । 2017-21 ଅବଧିରେ ହଷ୍ଟେଲ ଛାତ୍ରୀଛାତ୍ର ଓ ହଷ୍ଟେଲ ବାହାର ଛାତ୍ରୀଛାତ୍ରମାନଙ୍କ ପାଇଁ ରକ୍ଷଣାବେକ୍ଷଣ ଭତ୍ତା ହାର ଅପରିବର୍ତ୍ତିତ ରହିଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

***ସାରଣୀ 5.3: ହଷ୍ଟେଲ ବାହାରେ/ ହଷ୍ଟେଲର ଛାତ୍ରୀଛାତ୍ରଙ୍କ ପାଇଁ ରକ୍ଷଣାବେକ୍ଷଣ ଭତ୍ତା ହାର***

| ବର୍ଗ | ହଷ୍ଟେଲ ବାହାରେ ରହୁଥିବା ଓବିସି/ଏସ୍ଇବିସି ଏବଂ ଇବିସି ମାନଙ୍କ ପାଇଁ ହାର | ହଷ୍ଟେଲରେ ରହୁଥିବା ଓବିସି/ଏସ୍ଇବିସି ଏବଂ ଇବିସି ମାନଙ୍କ ପାଇଁ ହାର | ହଷ୍ଟେଲ ବାହାରେ ରହୁଥିବା ଏସ୍ସି/ଏସ୍ଟି ମାନଙ୍କ ପାଇଁ ହାର | ହଷ୍ଟେଲରେ ରହୁଥିବା ଏସ୍ସି/ଏସ୍ଟି ମାନଙ୍କ ପାଇଁ ହାର |
|---|---|---|---|---|
| | *(ସଂଖ୍ୟାଗୁଡ଼ିକ ଛାତ୍ରୀଛାତ୍ର ପ୍ରତି ବର୍ଷକୁ ଟଙ୍କାରେ)* | | | |
| ବର୍ଗ-I | 350 | 750 | 550 | 1,200 |
| ବର୍ଗ -II | 335 | 510 | 530 | 1,000 |
| ବର୍ଗ -III | 210 | 400 | 300 | 1,000 |
| ବର୍ଗ -IV | 160 | 260 | 230 | 1,000 |

*(ଉତ୍ସ: ଏସ୍ସି/ଏସ୍ଟି/ଓବିସି/ଇବିସି ମାନଙ୍କ ପାଇଁ ପିଏମ୍ଏସ୍ ବାବଦରେ ଜିଓଆଇ ମାର୍ଗଦର୍ଶିକା ଓ ଏସ୍ଏସ୍ଡି ବିଭାଗର ନିର୍ଦ୍ଦେଶାବଳୀ)*

2020-21 ର ଓଏସ୍ଏସ୍ପି ଡାଟାବେସ୍‌ରେ ମଧ୍ୟ ଉପରୋକ୍ତ ଅନିୟମିତତା ଜାରି ରହିଥିଲା, ଯେହେତୁ 80,965 ଛାତ୍ରୀଛାତ୍ରମାନଙ୍କୁ 10 ମାସରୁ ଅଧିକ ସମୟ ପାଇଁ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିଲା ଏବଂ ଫଳସ୍ୱରୂପ 37.56 କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

ନମୁନା ଜିଲ୍ଲା ଗୁଡ଼ିକର ମନୋନୀତ ଅନୁଷ୍ଠାନମାନଙ୍କର ହଷ୍ଟେଲ ନଥିପତ୍ର, ଦେୟ ପ୍ରଦାନ ବିବରଣୀ ଓ ଛାତ୍ରୀଛାତ୍ର ଆଡମିଶନ ରେଜିଷ୍ଟର ଗୁଡ଼ିକର ପରୀକ୍ଷା ଯାଞ୍ଚରୁ, ପ୍ରେରଣା ଡାଟାବେସ୍‌ର ବ୍ୟବହାରିକ ନିୟମଗୁଡ଼ିକର ମ୍ୟାପିଙ୍ଗ୍ ନହେବା ହେତୁ, ଛାତ୍ରୀଛାତ୍ରମାନଙ୍କୁ ଅଧିକ/ ସ୍ୱଳ୍ପ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ ମାମଲା ଜଣାପଡ଼ିଥିଲା, ଯାହାର ବିସ୍ତୃତ ଭାବରେ ନିମ୍ନରେ ବର୍ଣ୍ଣନା କରାଯାଇଛି:

- ***10 ମାସରୁ ଅଧିକ ସମୟ ପାଇଁ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ :*** ଚାରିଟି ନମୁନା ଜିଲ୍ଲାରେ, 2017-20 ଅବଧିରେ 5,270 ଛାତ୍ରୀଛାତ୍ରଙ୍କୁ ସର୍ବୋଚ୍ଚ 10 ମାସ ପରିବର୍ତ୍ତେ ବର୍ଷରେ 11 ମାସରୁ 12

[48] ମୟୁରଭଞ୍ଜ:4,918, ଝାରସୁଗୁଡ଼ା:650, ମାଲକାନଗିରି:79 ଏବଂ ସୁନ୍ଦରଗଡ଼: 207

ମାସ ପାଇଁ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିଲା, ଫଳସ୍ୱରୂପ, 24.63 ଲକ୍ଷ ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 5.4: ହଷ୍ଟେଲ ଛାତ୍ରୀଛାତ୍ରଙ୍କୁ ଅଧିକ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ***

| ଜିଲ୍ଲା | ଛାତ୍ରୀଛାତ୍ର ସଂଖ୍ୟା | ପ୍ରାପ୍ୟ (ଟଙ୍କାରେ) | ପ୍ରଦାନ (ଟଙ୍କାରେ) | ଅଧିକ ପ୍ରଦାନ (ଟଙ୍କାରେ) |
|---|---|---|---|---|
| ଗଜପତି | 424 | 12,15,000 | 14,45,390 | 2,30,390 |
| ଝାରସୁଗୁଡ଼ା | 248 | 5,37,100 | 6,44,520 | 1,07,420 |
| ନୟାଗଡ଼ | 2,813 | 56,37,350 | 67,64,820 | 11,27,470 |
| ସୁନ୍ଦରଗଡ଼ | 1,785 | 49,92,950 | 59,91,060 | 9,98,110 |
| **ମୋଟ** | **5,270** | **1,23,82,400** | **1,48,45,790** | **24,63,390** |

***(ଉତ୍ସ: ଡିଡବ୍ଲୁଓମାନଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ)***

- ***ଆଡମିଶନ ତାରିଖ ପରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ:*** ଝାରସୁଗୁଡ଼ା ଜିଲ୍ଲାର ଦୁଇଟି ଅନୁଷ୍ଠାନରେ[49] 2017-20 ଅବଧିରେ, ହଷ୍ଟେଲ ଆଡମିଶନ ରେଜିଷ୍ଟରରେ ଉଲ୍ଲେଖ ଥିବା ତାରିଖ ଆଧାରରେ 258 ଛାତ୍ରୀଛାତ୍ରଙ୍କୁ 10 ମାସ ପାଇଁ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିଲା । ଅଡିଟ୍ କିନ୍ତୁ ଲକ୍ଷ୍ୟ କଲେ ଯେ ସେମାନଙ୍କର ପଠ୍ୟକ୍ରମରେ ଆଡମିଶନ ତାରିଖ ହଷ୍ଟେଲ ଆଡମିଶନ ତାରିଖ ପରେ ଥିଲା । ଯେହେତୁ ପାଠ୍ୟକ୍ରମରେ ଆଡମିଶନ ପୂର୍ବରୁ ହଷ୍ଟେଲ ଆଡମିଶନ ହୋଇପାରିବ ନାହିଁ, ହଷ୍ଟେଲ ଆଡମିଶନ ରେଜିଷ୍ଟରରେ ଉଲ୍ଲେଖ ହୋଇଥିବା ତାରିଖ ସଠିକ୍ ନଥିଲା । ଅଧିକନ୍ତୁ, ମାର୍ଗଦର୍ଶିକା ଅନୁଯାୟୀ, ପାଠ୍ୟକ୍ରମ ଆଡମିଶନ ତାରିଖ, ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ ପାଇଁ ବିଚାରକୁ ନିଆଯାଏ ଓ ଏହି କାରଣରୁ ବୃତ୍ତି ପ୍ରଦାନ ପାଇଁ ହଷ୍ଟେଲ ଆଡମିଶନ ତାରିଖକୁ ହିସାବକୁ ନେବା ଉଚିତ୍ ନଥିଲା । ଏହା ଫଳରେ, ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ ବାବଦରେ 7.13 ଲକ୍ଷ ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

- ***ହଷ୍ଟେଲ ସୁବିଧା ନଥିବା ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ :*** ପିଏମ୍ଏସ୍ ମାର୍ଗଦର୍ଶିକା ଅନୁଯାୟୀ ହଷ୍ଟେଲ ସୁବିଧା ନଥିବା ଅନୁଷ୍ଠାନରେ ଛାତ୍ରୀଛାତ୍ରମାନଙ୍କୁ ହଷ୍ଟେଲ ବାହାରେ ରହୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ହାରରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯିବ, ଯାହା ପୂର୍ବ ***ସାରଣୀ 5.3*** ରେ ଦର୍ଶାଯାଇଛି । ପାଞ୍ଚଟି ନମୁନା ଜିଲ୍ଲାରେ 10 ଟି ଅନୁଷ୍ଠାନର 235 ଛାତ୍ରୀଛାତ୍ରଙ୍କୁ 2017-21 ଅବଧିରେ ହଷ୍ଟେଲ ଅନ୍ତେବାସୀ ଭାବରେ 16.19 ଲକ୍ଷ ଟଙ୍କାର ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିଲା, ଯଦିଓ କଥିତ ଅନୁଷ୍ଠାନ ଗୁଡିକରେ ହଷ୍ଟେଲ ସୁବିଧା ଉପଲବ୍ଧ ନଥିଲା । ବିସ୍ତୃତ ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 5.5: ହଷ୍ଟେଲ ସୁବିଧା ନଥିବା ଅନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରମାନଙ୍କୁ ହଷ୍ଟେଲ ଅନ୍ତେବାସୀ ଭାବରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ***

| ଜିଲ୍ଲା | ଛାତ୍ରୀଛାତ୍ର ସଂଖ୍ୟା | ଅନୁଷ୍ଠାନ ସଂଖ୍ୟା | ପ୍ରାପ୍ୟ | ଦେୟ ପ୍ରଦାନ ପରିମାଣ | ଅଧିକ ରାଶି ପ୍ରଦାନ |
|---|---|---|---|---|---|
| | | | (ସଂଖ୍ୟା ଗୁଡ଼ିକ ଟଙ୍କାରେ) | | |
| ଗଜପତି | 31 | 1 | 71,300 | 3,07,000 | 2,35,700 |
| ଝାରସୁଗୁଡ଼ା | 2 | 1 | 4,600 | 20,000 | 15,400 |
| ମାଲକାନଗିରି | 12 | 1 | 36,000 | 1,20,000 | 84,000 |
| ମୟୁରଭଞ୍ଜ | 52 | 3 | 1,19,600 | 3,97,000 | 2,77,400 |
| ସୁନ୍ଦରଗଡ଼ | 138 | 4 | 8,90,000 | 18,96,600 | 10,06,600 |
| **ମୋଟ** | **235** | **10** | **11,21,500** | **27,40,600** | **16,19,100** |

***(ଉତ୍ସ: ଅନୁଷ୍ଠାନଗୁଡ଼ିକର ରେଜିଷ୍ଟର/ନଥିପତ୍ର)***

[49] ଜେଟ୍ ଏଏନ୍ଏମ୍ ଟ୍ରେନିଂ ସେଣ୍ଟର ଏବଂ ଆଇଟିସି, ଦେବଡିହି

- ***ହଷ୍ଟେଲ ବାହାର ଛାତ୍ରୀଛାତ୍ରମାନଙ୍କୁ ଅଧିକ ହାରରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ:*** ସାତଟି ନମୁନା ଜିଲ୍ଲାର 21 ଟି ଅନୁଷ୍ଠାନରେ 2017-21 ଅବଧିରେ 299 ଛାତ୍ରୀଛାତ୍ରଙ୍କ ନାମ ହଷ୍ଟେଲ ରେଜିଷ୍ଟରରେ ନଥିବା ଲକ୍ଷ୍ୟ କରାଯାଇଥିଲା, ଯାହା ସେମାନଙ୍କୁ ହଷ୍ଟେଲ ବାହାରର ଛାତ୍ରୀଛାତ୍ର ଭାବରେ ସୂଚାଉଥିଲା । ସେମାନଙ୍କୁ କିନ୍ତୁ ହଷ୍ଟେଲବାସୀଙ୍କ ପାଇଁ ପ୍ରଯୁଜ୍ୟ ହାରରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯିବା ଫଳରେ 19.66 ଲକ୍ଷ ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 5.6: ହଷ୍ଟେଲ ବାହାର ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଅନ୍ତେବାସୀ ଭାବରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ***

| ଜିଲ୍ଲା | ଛାତ୍ରୀଛାତ୍ର ସଂଖ୍ୟା | ଅନୁଷ୍ଠାନ ସଂଖ୍ୟା | ପ୍ରାପ୍ୟ | ପ୍ରଦାନ ପରିମାଣ | ଅଧିକ ରାଶି ପ୍ରଦାନ |
|---|---|---|---|---|---|
| | | | (ସଂଖ୍ୟା ଗୁଡ଼ିକ ଟଙ୍କାରେ) | | |
| ବଲାଙ୍ଗୀର | 37 | 5 | 86,500 | 3,70,000 | 2,83,500 |
| ଗଜପତି | 16 | 3 | 52,150 | 1,55,000 | 1,02,850 |
| ଝାରସୁଗୁଡ଼ା | 25 | 2 | 1,26,500 | 2,50,000 | 1,23,500 |
| ମାଲକାନଗିରି | 125 | 3 | 3,11,300 | 12,50,000 | 9,38,700 |
| ମୟୁରଭଞ୍ଜ | 32 | 3 | 29,900 | 1,23,500 | 93,600 |
| ନୟାଗଡ଼ | 2 | 1 | 4,600 | 20,000 | 15,400 |
| ସୁନ୍ଦରଗଡ଼ | 62 | 4 | 8,99,600 | 13,08,400 | 4,08,800 |
| **ମୋଟ** | **299** | **21** | **15,10,550** | **34,76,900** | **19,66,350** |

***(ଉତ୍ସ: ଡିଡବ୍ଲୁଓଙ୍କ ଦେୟ ପ୍ରଦାନ ନଥି, ଅନୁଷ୍ଠାନଗୁଡ଼ିକର ନଥି)***

ଉତ୍ତରରେ, ଏସ୍ଏସ୍ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ପୋର୍ଟାଲରେ ଥିବା ହଷ୍ଟେଲ ଆଡମିଶନ ତାରିଖ ଠାରୁ ପାଠ୍ୟ ବର୍ଷ ଶେଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଭତ୍ତା ହିସାବ କରାଯାଇଥିଲା ଏବଂ ଛାତ୍ରୀଛାତ୍ରଙ୍କ ନବୀକରଣ କ୍ଷେତ୍ରରେ, ପୂର୍ବ ବର୍ଷରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିବା ଶେଷ ମାସର ପରମାସ ଠାରୁ ରକ୍ଷଣାବେକ୍ଷଣ ଭତ୍ତା ପ୍ରାପ୍ୟ ଥିଲା, ଯାହା 12 ମାସ ପର୍ଯ୍ୟନ୍ତ ହେଉଥିଲା । ଉତ୍ତର ଯୁକ୍ତିଯୁକ୍ତ ନଥିଲା, ଯେହେତୁ ମାର୍ଗଦର୍ଶିକାରେ ଏକ ପାଠ୍ୟବର୍ଷ ପାଇଁ କେବଳ 10 ମାସର ବୃତ୍ତି ପ୍ରଦାନ ବ୍ୟବସ୍ଥିତ ଥିଲା ।

### 5.2.6 ପ୍ରେରଣା ଏବଂ ଓଏସ୍ଏସ୍ପିରେ ନିୟନ୍ତ୍ରଣ ପଦକ୍ଷେପ ଅଭାବ ହେତୁ ଉଚ୍ଚ ଦରରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ

ପିଏମ୍ଏସ୍ର ମାର୍ଗଦର୍ଶିକାରେ ଅନୁଚ୍ଛେଦ IV ରେ ବ୍ୟବସ୍ଥିତ କରାଯାଇଛି ଯେ, ଯଦି ଛାତ୍ରୀଛାତ୍ର ମାଗଣା ବୋର୍ଡିଂ ଓ/ କିମ୍ବା ରହିବା ପାଇଁ ହକ୍‌ଦାର ତେବେ ହଷ୍ଟେଲବାସୀଙ୍କ ପାଇଁ ପ୍ରଯୁଜ୍ୟ ହାରରେ ଏକ ତୃତୀୟାଂଶ ରକ୍ଷଣାବେକ୍ଷଣ ଭତ୍ତା ଭାବରେ ପାଇବେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଏସ୍ଏସ୍ଡି ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ (ଏଚ୍ଏସ୍ଏସ୍) ବିଭାଗ ମାଗଣା ବୋର୍ଡିଂ ଓ ରହଣି ବ୍ୟବସ୍ଥା କରିଥିଲେ । ତେଣୁ, ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ହଷ୍ଟେଲବାସୀଙ୍କ ପାଇଁ ପ୍ରଯୁଜ୍ୟ ହାରର ଏକ ତୃତୀୟାଂଶ ହାରର ରକ୍ଷଣାବେକ୍ଷଣ ଭତ୍ତା ପାଇବାକୁ ହକ୍‌ଦାର ।

ପ୍ରେରଣା ସମ୍ପର୍କିତ ଗଚ୍ଛିତ ପିଏମ୍ଏସ୍ ତଥ୍ୟରେ ରକ୍ଷଣାବେକ୍ଷଣ ଭତ୍ତା ସମ୍ପର୍କିତ ତଥ୍ୟର ଅଭାବରୁ ଏସ୍ଏସ୍ଡି ବିଭାଗ ଦ୍ୱାରା ପରିଚାଳିତ ଏଚ୍ଏସ୍ଏସ୍‌ଗୁଡ଼ିକରେ 2017-20 ମଧ୍ୟରେ କେଉଁ ହାରରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିଲା, ତାହା ଜଣା ପଡ଼ିନଥିଲା । ତେବେ ତିନିଟି ନମୁନା ଜିଲ୍ଲାରେ, ଅଡିଟ୍ ଲକ୍ଷ୍ୟ କଲେ ଯେ ଛଅଟି ଏଚ୍ଏସ୍ଏସ୍‌ରେ 632 ଛାତ୍ରୀଛାତ୍ରଙ୍କୁ ପୂର୍ଣ୍ଣ ହାରରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିଲା ।

2020-21 ପାଇଁ ଓଏସ୍ଏସ୍ପିର ଗଚ୍ଛିତ ଡାଟାରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନର ବିବରଣୀ ଅନ୍ତର୍ଭୁକ୍ତ ଥିଲା । ସେଗୁଡ଼ିକରେ ଯାଞ୍ଚରୁ ଅଡିଟ୍ ଲକ୍ଷ୍ୟ କଲେ ଯେ ରାଜ୍ୟର 47 ଟି ଏଚ୍ଏସ୍ଏସ୍‌ର ସମସ୍ତ 5,233 ଛାତ୍ରୀଛାତ୍ରଙ୍କୁ ପୂର୍ଣ୍ଣ ହାରରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିଲା, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 5.7: ହଷ୍ଟେଲ ଅନ୍ତେବାସୀଙ୍କୁ ଅଧିକ ରକ୍ଷଣାବେକ୍ଷଣ ପ୍ରଦାନ***

| ଅନୁଷ୍ଠାନର ନାମ | ଛାତ୍ରୀଛାତ୍ର ସଂଖ୍ୟା | ଅଧିକ ପ୍ରଦାନର ପରିମାଣ (ଟଙ୍କାରେ) |
|---|---|---|
| ***2017-20 ପାଇଁ ନମୁନା ଜିଲ୍ଲାଗୁଡ଼ିକର ଭୌତିକ ନଥିପତ୍ରଗୁଡ଼ିକର ଯାଞ୍ଚରୁ*** | | |
| ସରକାରୀ (ଏସ୍ଏସ୍ଡି) ଏଚ୍ଏସ୍ଏସ୍, ଗୋପାଳପୁର, କଳାହାଣ୍ଡି | 67 | 4,46,689 |
| ସରକାରୀ (ଏସ୍ଏସ୍ଡି) ଏଚ୍ଏସ୍ଏସ୍, ଏମ୍ଭି-79, ମାଲକାନଗିରି | 146 | 9,73,333 |
| ସରକାରୀ (ଏସ୍ଏସ୍ଡି) ଏଚ୍ଏସ୍ଏସ୍, ମାଥିଲି, ମାଲକାନଗିରି | | |
| ସରକାରୀ (ଏସ୍ଏସ୍ଡି) ଏଚ୍ଏସ୍ଏସ୍, ବାଦାମପାହାଡ଼, ମୟୁରଭଞ୍ଜ | 419 | 24,22,787 |
| ସରକାରୀ (ଏସ୍ଏସ୍ଡି) ଏଚ୍ଏସ୍ଏସ୍, ବନକଟି, ମୟୁରଭଞ୍ଜ | | |
| ସରକାରୀ (ଏସ୍ଏସ୍ଡି) ଏଚ୍ଏସ୍ଏସ୍, ବଧୁନିଆ, ମୟୁରଭଞ୍ଜ | | |
| ***ଉପ-ମୋଟ*** | ***632*** | ***38,42,809*** |
| ***2020-21 ପାଇଁ ଓଏସ୍ଏସ୍ଡି ଡାଟାବେସର ବିଶ୍ଳେଷଣରୁ*** | | |
| ସରକାରୀ (ଏସ୍ଏସ୍ଡି) ଏଚ୍ଏସ୍ଏସ୍, (47 ଜଣ) | 5,233 | 3,32,30,129 |
| **ସର୍ବମୋଟ** | **5,865** | **3,70,72,938** |

(*ଉତ୍ସ: ଡିଡବ୍ଲୁଓ ଏବଂ ଅନୁଷ୍ଠାନର ନଥିଗୁଡ଼ିକରୁ ପ୍ରାପ୍ତ ଦେୟ ପ୍ରଦାନ ତଥ୍ୟ*)

ଏହିପରି ଭାବରେ, ରକ୍ଷଣାବେକ୍ଷଣ ଭତ୍ତା ବାବଦରେ 3.71 କୋଟି ଟଙ୍କାର ଅତିରିକ୍ତ ଅର୍ଥ 2017-21 ଅବଧିରେ 5,865 ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ଏସ୍ଏସ୍ଡି ବିଭାଗ ଦ୍ୱାରା ପରିଚାଳିତ ଏଚ୍ଏସ୍ଏସ୍ର ଛାତ୍ରୀଛାତ୍ରମାନଙ୍କୁ ମାଗଣା ରହିବା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା ଏବଂ ଏହା ପ୍ରାପ୍ୟ ରକ୍ଷଣାବେକ୍ଷଣ ଭତ୍ତାକୁ ପ୍ରଭାବିତ କରୁଥିଲା । କିନ୍ତୁ, ପ୍ରେରଣା ଏବଂ ଓଏସ୍ଏସ୍ପି ସଫ୍ଟୱେୟାରଗୁଡ଼ିକରେ ସେଥିପ୍ରତି ଧ୍ୟାନ ଦିଆଯାଇନଥିଲା । ଏହା ଫଳରେ, ଅତିରିକ୍ତ ଅର୍ଥ ପ୍ରଦାନ କରାଯାଇଥିଲା, ଯାହା ଅବଶେଷରେ ସରକାରୀ ଅର୍ଥର ଦୁରୁପଯୋଗକୁ ରୋକିବାର ଡିବିଟିର ଲକ୍ଷ୍ୟକୁ ପ୍ରତିହତ କରିଥିଲା ।

ଉତ୍ତରରେ, ଏସ୍ଏସ୍ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ବିଦ୍ୟାଳୟ ସ୍ତରରେ ମେସ୍ର ସୁପରିଚାଳନା ପାଇଁ, ଏସ୍ଏସ୍ଡି ଦ୍ୱାରା ପରିଚାଳିତ ଏଚ୍ଏସ୍ଏସ୍ର ଛାତ୍ରୀଛାତ୍ରମାନଙ୍କର ପିଏମ୍ଏସ୍ର ରକ୍ଷଣାବେକ୍ଷଣ ଭତ୍ତା ଉପାଦାନ ପୂର୍ଣ୍ଣହାରରେ ବିଦ୍ୟାଳୟର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା । ମାଗଣା ଖାଦ୍ୟ ଓ ରହଣି ପାଇଁ ଏସ୍ଏସ୍ଡି ବିଭାଗ ଦ୍ୱାରା ପୃଥକ ଭାବରେ ଅର୍ଥ ପ୍ରଦାନ କରାଯାଇଥିବାରୁ ଉତ୍ତର ଯୁକ୍ତିଯୁକ୍ତ ନୁହେଁ, ତେଣୁ,ଏହି ବାବଦରେ ପୁରାପୁରି ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ ଅନାବଶ୍ୟକ ଥିଲା ।

### 5.2.7 *ଯୋଗ୍ୟ ହିତାଧିକାରୀମାନଙ୍କୁ 80.29 ଲକ୍ଷ ଟଙ୍କାର ସ୍ୱଳ୍ପ ରକ୍ଷଣାବେକ୍ଷଣ ଭତ୍ତା ଅନୁମୋଦନ*

ପିଏମ୍ଏସ୍ ମାର୍ଗଦର୍ଶିକା ଅନୁଯାୟୀ, 1 ଅପ୍ରେଲ କିମ୍ବା ଆଡମିଶନ ମାସ ମଧ୍ୟରୁ ପରେ ପଡୁଥିବା ଦିନ ଠାରୁ ପରୀକ୍ଷା ମାସ ପର୍ଯ୍ୟନ୍ତ ବର୍ଷରେ 10 ମାସ ପାଇଁ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯିବା କଥା ।

ଛଅଟି ନମୁନା ଜିଲ୍ଲାରେ[50] ଅଡିଟ୍ ଲକ୍ଷ୍ୟ କଲେ ଯେ, 2017-18 ଅବଧିରେ 17,739 ଓବିସି ଛାତ୍ରୀଛାତ୍ରଙ୍କୁ[51] 10 ମାସ ପରିବର୍ତ୍ତେ ଆଠ ମାସର ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରାଯାଇଥିଲା । ପାଣ୍ଠିର ଅନୁପଲବ୍ଧତା ଓ ଏସ୍ଏସ୍ଡି ବିଭାଗର ସ୍ୱଳ୍ପ ଅନୁମୋଦନକୁ, 80.29 ଲକ୍ଷ ଟଙ୍କାର ସ୍ୱଳ୍ପ ଅନୁମୋଦନର କାରଣ ଭାବରେ ଦର୍ଶାଇଥିଲେ । ଉତ୍ତର ବିପକ୍ଷରେ ଅଡିଟ୍ ଲକ୍ଷ୍ୟ କଲେ ଯେ ବିଭାଗ ସମାନ ବର୍ଷରେ 5.01 କୋଟି ଟଙ୍କା ବିନିଯୋଗ ପରିବର୍ତ୍ତେ ଫେରସ୍ତ କରିଥିଲେ, ଯାହା ବିଭାଗ ଦ୍ୱାରା ଦୁର୍ବଳ ବଜେଟ ପରିଚାଳନାକୁ ଦର୍ଶାଉଥିଲା ।

ଏସ୍ଏସ୍ଡି ବିଭାଗ ଉତ୍ତର ପ୍ରଦାନ କରିନଥିଲେ ।

---

50 ବାଲେଶ୍ୱର, ବଲାଙ୍ଗୀର, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି ଏବଂ ସୁନ୍ଦରଗଡ଼

51 ନବୀକରଣ ଛାତ୍ରୀଛାତ୍ର, ଉଦାହରଣସ୍ୱରୁପ ପାଠ୍ୟକ୍ରମ ଅବଧିର ଦ୍ୱିତୀୟ ଓ ପରବର୍ତ୍ତୀ ବର୍ଷ ପାଇଁ

## 5.3 ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ଆଧାର ସଂଯୋଗ

### 5.3.1 ଆଧାର ସଂଯୋଗ ହୋଇନଥିବା ବ୍ୟାଙ୍କ ଆକାଉଣ୍ଟକୁ ପିଏମ୍ଏସ୍ ପ୍ରଦାନ

16 ଫେବୃଆରୀ 2017 ଠାରୁ ପ୍ରତ୍ୟେକ ବୃତ୍ତି ଯୋଜନା ପାଇଁ ଆଧାର ଅଧିନିୟମ 2016 ର ଧାରା 7 ଅଧିନରେ ଆଧାର ଏକ ପରିଚୟ ଦସ୍ତାବିଜ ହୋଇଥିବା ବିଷୟ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ (ଏମ୍ଓଏସ୍ଜେଇ)ର ବିଜ୍ଞପ୍ତି (ଫେବୃଆରୀ 2017) ରେ ଉଲ୍ଲିଖିତ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଯଦିଓ ଏମ୍ଏସ୍ଡି ବିଭାଗ, ଆଧାରକୁ ଜୁନ୍ 2019 ରେ ପିଏମ୍ଏସ୍ ପାଇଁ ଆବେଦନର ଏକ ପୂର୍ବ ଆବଶ୍ୟକତା କରିଥିଲେ, ଆଧାରକୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୋଗ କରିବାକୁ ବାଧ୍ୟତାମୂଳକ କରିବା ପାଇଁ ନିର୍ଦ୍ଦେଶ ଜାରି କରିନଥିଲେ । ଆଧାର ସଂଯୋଗ ହୋଇନଥିବା ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକରେ ଦେୟ ପ୍ରଦାନ ପ୍ରକ୍ରିୟାକରଣ ସମୟରେ ଅନ୍ୟ ଆକାଉଣ୍ଟ ନମ୍ବର ଓ ଆଇଏଫ୍ଏସ୍ସି କୋଡ ଥିବା ହିତାଧିକାରୀଙ୍କୁ ଗ୍ରହଣ କରାଯିବାର ଆଶଙ୍କା ଥିଲା । ଏହି ପଦକ୍ଷେପଗୁଡ଼ିକର ଅନୁପସ୍ଥିତିରେ ଆଧାର ସଂଯୋଗ ହୋଇ ନଥିବା ବ୍ୟାଙ୍କ ଆକାଉଣ୍ଟରେ ବୃତ୍ତି ପ୍ରଦାନ ଜାରି ରହିଥିଲା । 2020-21 ଅବଧିରେ ପିଏମ୍ଏସ୍ ବିତରଣ କରାଯାଇଥିବା 3,12,823 ହିତାଧିକାରୀଙ୍କ ମଧ୍ୟରୁ 70,953 (23 ପ୍ରତିଶତ) ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ଆଧାର ସଂଯୋଗ ଥିଲା । ନମୁନିତ ଜିଲ୍ଲାଗୁଡ଼ିକରେ ଆଧାର ସଂଯୋଗ ହୋଇନଥିବା ବ୍ୟାଙ୍କ ଆକାଉଣ୍ଟର ହାର 78 ରୁ 80 ପ୍ରତିଶତ ମଧ୍ୟରେ ରହିଥିଲା।

ପ୍ରେରଣାରେ ପିଏମ୍ଏସ୍ ହିତାଧିକାରୀମାନଙ୍କ ନାମ ଓ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ତ୍ରୁଟି ଲକ୍ଷ୍ୟ କରାଯାଇଥିଲା । ପ୍ରେରଣା ଡାଟାବେସ୍‌ର ବିଶ୍ଳେଷଣରୁ ଲକ୍ଷ୍ୟ କରାଗଲା ଯେ 2017-20 ଅବଧିରେ 9,288 କ୍ଷେତ୍ରରେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଇଏଫ୍ଏସ୍ସି କୋଡ ସମାନ ଥିଲାବେଳେ, ହିତାଧିକାରୀ ନାମଗୁଡ଼ିକ ଭିନ୍ନ ଥିଲା । ଏହା ମଧ୍ଯ ଲକ୍ଷ୍ୟ କରାଯାଇଥିଲା ଯେ ଏହି ହିତାଧିକାରୀଙ୍କ ମଧ୍ୟରୁ କେତେକ ସମାନ ଅନୁଷ୍ଠାନର ଥିଲେ ।

ଆଠଟି ନମୁନା ଜିଲ୍ଲା କ୍ଷେତ୍ରରେ 3.83 କୋଟି ଟଙ୍କା ପ୍ରଦାନ କରାଯାଇଥିବା, ଏହିଭଳି 1,155 ଟି ମାମଲା ଚିହ୍ନଟ କରାଯାଇଥିଲା । ନଥିଗୁଡ଼ିକର ବିସ୍ତୃତ ଯାଞ୍ଚରୁ ଲକ୍ଷ୍ୟ କରାଗଲା ଯେ ଏହି ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ନିର୍ଦ୍ଦିଷ୍ଟ ହିତାଧିକାରୀମାନଙ୍କ ନାମରେ ଥିଲା ବେଳେ, ଦେୟ ରାଶି ଅନ୍ୟ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଅନ୍ତରଣ ହୋଇଥିଲା । ଓଏସ୍ଏସ୍‌ପିରେ ମଧ 5,26,434 ମାମଲା ମଧ୍ୟରୁ ତିନିଟିରେ ଏହି ସମାନ ବିଷୟ ଲକ୍ଷ୍ୟ କରାଯାଇଥିଲା, ଯେଉଁଥିରେ ବିଭିନ୍ନ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବରଗୁଡ଼ିକ ସମାନ ଥିଲା ଏବଂ 1.17 ଲକ୍ଷ ଟଙ୍କା ଏହି ତିନି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ମାମଲାଗୁଡ଼ିକ ନିମ୍ନରେ ଆଲୋଚିତ ହୋଇଛି:

<u>ମାମଲା ଅଧ୍ୟୟନ</u>

1. ***ଅନ୍ନପୂର୍ଣ୍ଣା ଆଇଟିସି ଅନୁଷ୍ଠାନର ଜଣେ ଛାତ୍ରଙ୍କୁ 2017-18 ଓ 2018-19 ବର୍ଷ ପାଇଁ ପିଏମ୍ଏସ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବେଦନ ଫର୍ମରେ ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ଜମା କରାଯାଇଥିଲା । 2019-20 ବର୍ଷ ପାଇଁ ଅନ୍ୟ ଜଣେ ଛାତ୍ରଙ୍କର ପିଏମ୍ଏସ୍ ମଧ ସେହି ସମାନ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା । ଯାଞ୍ଚ ସମୟରେ ବ୍ୟାଙ୍କ ନିଶ୍ଚିତ କରିଥିଲେ ଯେ, ବ୍ୟାଙ୍କ ଆକାଉଣ୍ଟଟି ଅନ୍ୟ ଜଣେ ବ୍ୟକ୍ତିଙ୍କର ଥିଲା ।***

2. ***ଅନ୍ନପୂର୍ଣ୍ଣା ଆଇଟିସି ଅନୁଷ୍ଠାନର ଅନ୍ୟ ଜଣେ ଛାତ୍ର 2017-18 ବର୍ଷ ପାଇଁ ବ୍ୟାଙ୍କ ଆକାଉଣ୍ଟ ନମ୍ବର *******992, ଏବଂ ଆଇଏଫ୍ଏସ୍ସି କୋଡ ଏସ୍‌ବିଆଇଏନ୍*****47 ମାଧ୍ୟମରେ ଦେୟ ପ୍ରାପ୍ତ କରିଥିଲେ । ପରବର୍ତ୍ତୀ ବର୍ଷ (2018-19) ରେ ସେହି ସମାନ ଛାତ୍ର ବ୍ୟାଙ୍କ ଆକାଉଣ୍ଟ ନମ୍ବର *******564 ଓ ଆଇଏଫ୍ଏସ୍ସି କୋଡ ୟୁଟିବିଆଇ *****02 ମାଧ୍ୟମରେ ପିଏମ୍ଏସ୍ ପ୍ରାପ୍ତ କରିଥିଲେ । 2019-20 ବର୍ଷରେ ଅନ୍ୟ ଜଣେ ଛାତ୍ର ସେହି ସମାନ ବ୍ୟାଙ୍କ ଆକାଉଣ୍ଟ (ନମ୍ବର*******564 ସମାନ ଆଇଏଫ୍ଏସ୍ସି କୋଡ) ମାଧ୍ୟମରେ 2019-20 ବର୍ଷ ପାଇଁ ପିଏମ୍ଏସ୍ ପ୍ରାପ୍ତ କରିଥିଲେ । ବ୍ୟାଙ୍କ ଆକାଉଣ୍ଟ ନମ୍ବରଟି ଅନ୍ୟ ଜଣେ ବ୍ୟକ୍ତିଙ୍କର ଥିବା ବିଷୟ ଯାଞ୍ଚରେ ଜଣା ପଡ଼ିଥିଲା । ଏହି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପିଏମ୍ଏସ୍ ପ୍ରାପ୍ତ ହୋଇନଥିବା ବିଷୟକୁ ଏହା ସୂଚିତ କରୁଥିଲା ।***

ଅଡିଟ୍ ଲକ୍ଷ୍ୟ କଲେ ଯେ ଉପରୋକ୍ତ ତ୍ରୁଟିଗୁଡ଼ିକ ମୁଖ୍ୟତଃ ଡିବିଟି ଆବଶ୍ୟକତା ଅନୁଯାୟୀ, ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଆଧାର ସହିତ ସଂଯୋଗ ନହେବା ହେତୁ ହୋଇଥିଲା । ଫଳସ୍ୱରୂପ, ବୃତ୍ତି, ଉଦ୍ଦିଷ୍ଟ ହିତାଧିକାରୀଙ୍କ ପରିବର୍ତ୍ତେ ଭୁଲ ଆକାଉଣ୍ଟକୁ ଅନ୍ତରଣ ହୋଇଥିଲା, ଯାହାଦ୍ୱାରା ଡିବିଟି ଯୋଜନାର ଉଦ୍ଦେଶ୍ୟ ପୂରଣ ହୋଇପାରିନଥିଲା ।

ଏସ୍ଏସ୍ଡି ବିଭାଗ, ଅଡିଟ୍ ମନ୍ତବ୍ୟ ଗୁଡ଼ିକ ଗ୍ରହଣ କରିଥିଲେ ଓ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2022) ଯେ ସ୍ୱଳ୍ପ ସଂଖ୍ୟକ ବ୍ୟାଙ୍କ ଆକାଉଣ୍ଟ ସହିତ ଆଧାର ସଂଯୋଗ ହୋଇଥିବାରୁ, ବୃତ୍ତି ପ୍ରଦାନରେ ଆଧାର ଭିତ୍ତିକ ଦେୟ ପ୍ରଦାନକୁ ବାଧ୍ୟତାମୂଳକ କରାଯାଇନଥିଲା । ଆହୁରି ମଧ୍ୟ, ଟ୍ରେଜେରୀ ପୋର୍ଟାଲର ଦେୟ ପ୍ରଦାନ ଗେଟ୍ୱେ, 2017-20 ଅବଧିରେ ଆଧାର ଭିତ୍ତିକ ଦେୟ ପ୍ରଦାନ ପାଇଁ ସଜ୍ଜିତ ହୋଇନଥିଲା ।


***ସୁପାରିଶ 5.3:***
***ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଗୁଡ଼ିକର ଆଧାର ସହ ସଂଯୋଗ, ଡିବିଟି ପାଇଁ ଏକ ପ୍ରାଥମିକ ଆବଶ୍ୟକତା ହୋଇଥିବାରୁ, ଏସ୍ଏସ୍ଡି ବିଭାଗ କେବଳ ଏହାର ପୂର୍ଣ୍ଣ କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ପାଇଁ ନୁହେଁ ବରଂ ଏହି ଦିଗରେ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ, ଯାହାଫଳରେ ବ୍ୟାଙ୍କ୍ ଆକାଉଣ୍ଟର ଆଧାର ସଂଯୋଗ ଅଭାବରୁ କେହି ବୃତ୍ତିରୁ ବଞ୍ଚିତ ହେବେ ନାହିଁ ।***

## 5.4 ଅସଫଳ କାରବାରର ପରିଚାଳନା

ଅସଲି ହିତାଧିକାରୀଙ୍କ ଦେୟ ଠିକ୍ ସମୟରେ ତଥା ସଠିକ୍ ଖାତାରେ ଜମା କାର୍ଯ୍ୟକୁ ସୁଗମ କରିବା ନିମନ୍ତେ ବର୍ତ୍ତମାନର ବୈଦ୍ୟୁତିକ ଅନ୍ତରଣ ବ୍ୟବସ୍ଥାରୁ ହିତାଧିକାରୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ଭାବରେ ଅନ୍ତରଣ କରାଯିବା ବିଷୟ ଡିବିଟି ଉଲ୍ଲେଖ କରେ । ଅଧିକନ୍ତୁ ପ୍ରଦାନ/ ଅସଫଳ କାରବାରର ଅଦ୍ୟତନ ପାଇଁ ରିଭରସାଲ ଲୁପ୍ ସହିତ ଯୋଜନା ପରିଚାଳନା ସଫ୍ଟୱେୟାରର ପିଏଫ୍ଏମ୍ଏସ୍/ ରାଜ୍ୟ କୋଷାଗାର ସହିତ ସମନ୍ୱୟନ କଥା ଏଥିରେ ଉଲ୍ଲେଖ ଅଛି । ଦେୟ/ ସୁବିଧା ପ୍ରାପ୍ତି ନିମନ୍ତେ ଡିବିଟି ପ୍ରଦାନ ପାଇଁ ଉଦ୍ଦିଷ୍ଟ ମାନକ କର୍ମ ସମ୍ପାଦନ ପ୍ରକ୍ରିୟା (ଏସ୍ଓପି) ରେ ବିସ୍ତୃତ ସମୟ ସୀମା ବ୍ୟବସ୍ଥିତ କରାଯାଇଛି, ଯାହା T+4 କାର୍ଯ୍ୟ ଦିବସ, ଯେଉଁଥିରେ 'T' କାରବାର ଦିବସକୁ ସୂଚାଇ ଥାଏ ।

2019-20 ପର୍ଯ୍ୟନ୍ତ ଉଭୟ ପିଏମ୍ଏସ୍ ଓ ମେଧାବୃତ୍ତି ଯୋଜନା କ୍ଷେତ୍ରରେ ଅଧିକତର ପ୍ରକ୍ରିୟାକରଣ ପାଇଁ ବିଲ୍ ଗୁଡ଼ିକ ହାତରେ ତିଆରି କରାଯାଇ ଆଇଏଫ୍ଏମ୍ଏସ୍ ପ୍ଲାଟଫର୍ମରେ ଅପଲୋଡ୍ କରାଯାଉଥିଲା । କିନ୍ତୁ 2020-21 ପରବର୍ତ୍ତୀ ସମୟରେ ଦେୟ ପ୍ରଦାନର ପ୍ରକ୍ରିୟାକରଣ ପାଇଁ, ଅନୁମୋଦିତ ହିତାଧିକାରୀମାନଙ୍କର ତଥ୍ୟ ଓଏସ୍ଏସ୍ପିରୁ ଆଇଏଫ୍ଏମ୍ଏସ୍କୁ ପ୍ରେରଣ କରାଯିବା ପରେ ବିଲ୍ ଗୁଡ଼ିକ ଆଇଏଫ୍ଏମ୍ଏସ୍ରେ ପ୍ରସ୍ତୁତ କରାଯାଇଥିଲା । ନିଷ୍କ୍ରିୟ ଆକାଉଣ୍ଟ ଓ ଆଇଏଫ୍ଏମ୍ଏସ୍ ସଂଖ୍ୟାସହିତ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟାର ଅମେଳ କ୍ଷେତ୍ରରେ, ଅର୍ଥ ଅନ୍ତରଣ ହୁଏ ନାହିଁ ଏବଂ ଏହି କାରବାରଗୁଡ଼ିକ 'ଅସଫଳ କାରବାର' ବୋଲି ବିବେଚନା କରାଯାଏ । ଅସଫଳ କାରବାର କ୍ଷେତ୍ରରେ, କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶକ (ଡିଟିଆଇ), ଓଡ଼ିଶାଙ୍କ ଦ୍ୱାରା ଜଣାଇ ଦିଆଯାଇଥିବା ଓ ଡିଡିଓମାନଙ୍କ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ପଦକ୍ଷେପର କାର୍ଯ୍ୟପ୍ରବାହ ନିମ୍ନରେ ଦର୍ଶାଯାଇଛି:

***ଚିତ୍ର 5.1: ଅସଫଳ କାରବାରଗୁଡ଼ିକର ପୁନଃ ପ୍ରଚଳନର କାର୍ଯ୍ୟପ୍ରବାହ***




***(ଉତ୍ସ: ଡିଟିଆଇ ପ୍ରଦତ୍ତ ସୂଚନା)***

ଅସଫଳ କାରବାରଜନିତ ରାଶି ସରକାରୀ ଆକାଉଣ୍ଟର ସସ୍‌ପେନ୍ସ ହେଡ୍ ‘8658’ ରେ ପ୍ରତ୍ୟାହାର ତାରିଖ ଠାରୁ 90 ଦିନ ପର୍ଯ୍ୟନ୍ତ କିମ୍ବା ଆର୍ଥିକ ବର୍ଷର ଶେଷ ମଧ୍ୟରୁ ଯେଉଁଟି ଶୀଘ୍ର ହୁଏ, ସେହି ଦିନ ପର୍ଯ୍ୟନ୍ତ ରଖାଯାଏ । କିନ୍ତୁ ମାର୍ଚ୍ଚ ମାସରେ ପ୍ରତ୍ୟାହୃତ ରାଶି କ୍ଷେତ୍ରରେ, ଅସଫଳ କାରବାର ଜନିତ ରାଶି ସମାନ ବର୍ଷର ଅପ୍ରେଲ 30 ପର୍ଯ୍ୟନ୍ତ ସସ୍‌ପେନ୍ସ ହେଡ୍‌ରେ ରଖାଯାଏ । ଏସ୍‌ଏସ୍‌ଡି ଓ ଉଚ୍ଚଶିକ୍ଷା ବିଭାଗଗୁଡ଼ିକର ନଥିପତ୍ର ଯାଞ୍ଚରୁ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ପରିଲକ୍ଷିତ ହୋଇଥିଲା:

### 5.4.1 ପିଏମ୍‌ଏସ୍ ଆବେଦନକାରୀଙ୍କ ସଂପର୍କିତ ଅସଫଳ କାରବାର

2015-16 ପରଠାରୁ ଏସ୍‌ଟି ଓ ଏସ୍‌ସି ହିତାଧିକାରୀଙ୍କୁ ଏସ୍‌ଏସ୍‌ଡି ବିଭାଗ ଦ୍ୱାରା କେନ୍ଦ୍ରିକ ଭାବରେ ପିଏମ୍‌ଏସ୍ ବିତରଣ କରାଯାଉଛି । କିନ୍ତୁ, ଏସ୍‌ଏସ୍‌ଡି ବିଭାଗ ଅସଫଳ କାରବାରଗୁଡ଼ିକର ବର୍ଷଓ୍ୱାରୀ ସ୍ଥିତି ତଥା ଅସଫଳ କାରବାରଗୁଡ଼ିକର ସମାଧାନ ଉପରେ ଅଡିଟକୁ ତଥ୍ୟ ପ୍ରଦାନ କରିନଥିଲେ ।

ପିଏମ୍‌ଏସ୍ ବିତରଣରେ ଅସଫଳ କାରବାର ଜନିତ ତଥ୍ୟ କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶକ (ଡିଟିଆଇ), ଓଡ଼ିଶାଙ୍କ ଠାରୁ ପ୍ରାପ୍ତ ହୋଇଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ 2017-21 ଅବଧିରେ 49.95 କୋଟି ଟଙ୍କାର 1,30,985 ଟି କାରବାର ଅସଫଳ ହୋଇଥିଲା । ଏହା ମଧ୍ୟରେ 2017-18 ଓ 2018-19 ବର୍ଷର 92,215 ଟି ଅସଫଳ କାରବାର (70 ପ୍ରତିଶତ) ଅନ୍ତର୍ଭୁକ୍ତ ଥିଲା, ଯେଉଁ ସମୟରେ ଆଧାର ସଂଯୋଗ ବାଧ୍ୟତାମୂଳକ ନଥିଲା । ଅସଫଳ କାରବାର ମଧ୍ୟରୁ: (କ) କେବଳ 17.58 କୋଟି ଟଙ୍କାର 28,173 ଟି କାରବାର ସମାଧାନ କରାଯାଇଥିଲା, (ଖ) 4.52 କୋଟି ଟଙ୍କାର 12,432 ଟି କାରବାର ଅମୀମାଂସିତ ରହିଥିଲା ଓ (ଗ) 90,470 ଟି କାରବାରର 27.88 କୋଟି ଟଙ୍କା ସରକାରଙ୍କୁ 1 ଅପ୍ରେଲ 2021 ସୁଦ୍ଧା ଫେରସ୍ତ (ଡିଡକ୍ଟ ରିକଭରି) କରାଯାଇଥିଲା । ଅର୍ଥ ବିଭାଗ ନିର୍ଦ୍ଦେଶ ଅନୁଯାୟୀ, ଅସଫଳ/ ଅମୀମାଂସିତ କାରବାରଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସସ୍‌ପେନ୍ସ ହେଡ୍-8658 ରେ ରଖାଯାଇଥାଏ, ଯାହାପରେ କୋଷାଗାର, ଅସଫଳ ଦେୟ ପ୍ରଦାନ ଗୁଡ଼ିକୁ ସରକାରୀ ଖାତାକୁ ଫେରସ୍ତ କରିବା ଆବଶ୍ୟକ ।

ଏହିଭଳି ଅସଫଳ କାରବାରଗୁଡ଼ିକର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି ।

***ସାରଣୀ 5.8: 2017-21 ଅବଧିରେ ଅସଫଳ କାରବାରଗୁଡ଼ିକର ବିବରଣୀ***

*(ପରିମାଣ କୋଟି ଟଙ୍କାରେ)*

| ବର୍ଷ | ଅସଫଳ କାରବାର | | 1 ଅପ୍ରେଲ 2021 ସୁଦ୍ଧା ଅସଫଳ କାରବାରଗୁଡ଼ିକର ସମାଧାନ | | ଅସଫଳ କାରବାରଗୁଡ଼ିକର ଅସମାଧାନ | | ସରକାରୀ ଖାତାକୁ ଫେରସ୍ତ | |
|---|---|---|---|---|---|---|---|---|
| | ହିତାଧିକାରୀ ସଂଖ୍ୟା | ପରିମାଣ | ହିତାଧିକାରୀ ସଂଖ୍ୟା | ପରିମାଣ | ହିତାଧିକାରୀ ସଂଖ୍ୟା | ପରିମାଣ | ହିତାଧିକାରୀ ସଂଖ୍ୟା | ପରିମାଣ |
| 2017-18 | 39,850 | 4.93 | 2,407 | 1.60 | 0 | 0.00 | 37,443 | 3.33 |
| 2018-19 | 52,365 | 23.17 | 15,596 | 7.67 | 0 | 0.00 | 36,769 | 15.50 |
| 2019-20 | 24,121 | 13.95 | 10,024 | 6.28 | 48 | 0.01 | 14,049 | 7.66 |
| 2020-21 | 14,649 | 7.90 | 146 | 2.03 | 12,294 | 4.51 | 2,209 | 1.37 |
| ମୋଟ | **1,30,985** | **49.95** | **28,173** | **17.58** | **12,342** | **4.52** | **90,470** | **27.86** |

***(ଉତ୍ସ: ଡିଟିଆଇ ତଥ୍ୟ, ଓଡ଼ିଶା)***

ଅଡିଟ୍ ଲକ୍ଷ୍ୟ କଲେ ଯେ, 2017-21 ଅବଧିରେ 1,30,985 ଅସଫଳ କାରବାର ମଧ୍ୟରୁ ମାତ୍ର 28,173 ଟି କାରବାରର (22 ପ୍ରତିଶତ) ସମାଧାନ କରାଯାଇପାରିଥିଲା । ଏହାଫଳରେ, 1,02,812 ହିତାଧିକାରୀ 32.37 କୋଟି ଟଙ୍କାର ପିଏମ୍ଏସ୍‌ରୁ ଏକ ରୁ ଚାରି ବର୍ଷ ପର୍ଯ୍ୟନ୍ତ ବଞ୍ଚିତ ହୋଇଥିଲେ, ଯାହା ଦେୟ ବିତରଣକୁ କ୍ରିୟାଶୀଳ କରିବା ପାଇଁ ଆବେଦନ ବିବରଣୀର ସଂଶୋଧନ କରିବାରେ ସଂପୃକ୍ତ ଡିଡିଓମାନଙ୍କର ଅସଫଳତାକୁ ସୂଚାଉଥିଲା ।

ଉତ୍ତରରେ ଏସ୍ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ: (କ) ଅସଫଳ କାରବାରଗୁଡ଼ିକ ଆଇଏଫ୍ଏମ୍ଏସ୍‌ରୁ ଦେଖାଯାଏ ଓ (ଖ) ଅସଫଳ କାରବାରଗୁଡ଼ିକୁ ପ୍ରଚଳନ କରାଯାଏ ଓ ଅନୁଷ୍ଠାନ ମାଧ୍ୟମରେ ସେଗୁଡ଼ିକୁ ଛାତ୍ରୀଛାତ୍ରମାନଙ୍କୁ ଜଣାଇ ଦିଆଯିବା ସହିତ ଅସଫଳ କାରବାରଗୁଡ଼ିକର ସମାଧାନ ପାଇଁ ସଠିକ ଆକାଉଣ୍ଟ ବିବରଣୀ ପ୍ରାପ୍ତି ନିମନ୍ତେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଏ ।

ଛାତ୍ରୀଛାତ୍ରମାନେ ବୃତ୍ତି ପାଇବାରୁ ବଞ୍ଚିତ ହେବା ଓ ଅସଫଳ କାରବାର ଜନିତ ଅର୍ଥ ସରକାରୀ ଖାତାକୁ ଫେରିଯିବା ଫଳରେ ଡିବିଟି ଯୋଜନାର ଲକ୍ଷ୍ୟ ପ୍ରାପ୍ତି ନହେବା ହେତୁ ଉତ୍ତର ଗ୍ରହଣୀୟ ନୁହେଁ ।

### 5.4.2 ମେଧାବୃତ୍ତି ଆବେଦନକାରୀଙ୍କ ସମ୍ପର୍କିତ ଅସଫଳ କାରବାର

ଇ-ମେଧାବୃତ୍ତି ନଥିପତ୍ର ଓ ଡାଟାବେସ୍‌ର ବିଶ୍ଳେଷଣରୁ 2017-21 ଅବଧିରେ 6,124 କାରବାର ସମ୍ପର୍କିତ 3.81 କୋଟି ଟଙ୍କା ଅସଫଳ ହୋଇଥିବା ଜଣାପଡ଼ିଥିଲା । ଏହା ମଧ୍ୟରେ 2017-18 ଓ 2018-19 ବର୍ଷର 4,103 ଅସଫଳ କାରବାର (67 ପ୍ରତିଶତ) ଥିଲା, ଯେଉଁ ସମୟରେ ଆଧାର ସଂଯୋଗ ବାଧ୍ୟତାମୂଳକ ନଥିଲା । ସମୁଦାୟ ଅସଫଳ କାରବାର ମଧ୍ୟରୁ 2017-20 ଅବଧିର 3.47 କୋଟି ଟଙ୍କାର 5,567 ଅସଫଳ କାରବାର ସମାଧାନ ହୋଇଥିଲା ଏବଂ 2020-21 ବର୍ଷର 0.34 କୋଟି ଟଙ୍କାର ଅବଶିଷ୍ଟ 557 କାରବାର ମାର୍ଚ୍ଚ 2021 ସୁଦ୍ଧା ଅମୀମାଂସିତ ରହିଥିଲା ।

ବିଭାଗ ଗୁଡ଼ିକ ଦ୍ୱାରା ଡିବିଟିର ପୂର୍ବ ଆବଶ୍ୟକ ପଦକ୍ଷେପ ଯଥା, (କ) ଆବେଦନପତ୍ର ଦାଖଲ ସମୟରେ ଛାତ୍ରୀଛାତ୍ରମାନଙ୍କର ବ୍ୟାଙ୍କ ଆକାଉଣ୍ଟର ବୈଧିକରଣ ନହେବା, (ଖ) ଭିଲୁକ୍ଅପ୍ ୱେବ୍ ସେବାର ବ୍ୟବହାର ନହେବା ଓ (ଗ) ଏନ୍‌ପିସିଆଇର ବ୍ୟାଙ୍କ ଆକାଉଣ୍ଟ ସେବାର ଉପଯୋଗ ନହେବାକୁ ମାତ୍ରାଧିକ ଅସଫଳ କାରବାର ପାଇଁ ମୁଖ୍ୟ କାରଣ ଭାବରେ ଅଭିହିତ କରାଯାଇଥିଲା । ଭିଲୁକ୍ଅପ୍ ସେବା କିମ୍ବା ଏନ୍‌ପିସିଆଇର ବ୍ୟାଙ୍କ ଆକାଉଣ୍ଟ୍ ସେବାର ସ୍ଥିତିର ବ୍ୟବହାରକୁ ନିଶ୍ଚିତ କରିବା ପାଇଁ ବିଭାଗଗୁଡ଼ିକ ଓ ରାଜ୍ୟ ଡିବିଟି ସେଲ୍, କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ସୁପ୍ତ/ ନିଷ୍କ୍ରିୟ ଆକାଉଣ୍ଟ ଓ ସ୍ଥିତିବିହୀନ ଆକାଉଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ସମାଧାନ କରିବାକୁ ବ୍ୟାଙ୍କ ଆକାଉଣ୍ଟର ଠିକ୍ ସମୟରେ ବୈଧିକରଣ ପାଇଁ ପିଏଫ୍ଏମ୍ଏସ୍ ସହିତ ମିଶ୍ରଣ ବାବଦରେ ମଧ୍ୟ ସେମାନେ ପଦକ୍ଷେପ ଗ୍ରହଣ କରିନଥିଲେ ।

ଏହି କାରଣରୁ, ଅସଫଳ କାରବାରର ସମାଧାନ ନହେବା ହେତୁ, 1,03,369[52] (75 ପ୍ରତିଶତ) ହିତାଧିକାରୀ 32.70 କୋଟି[53] ଟଙ୍କାର ପିଏମ୍ଏସ୍ ଓ ମେଧାବୃତ୍ତି ଯୋଜନା ସୁବିଧାରୁ ବଞ୍ଚିତ ହୋଇଥିଲେ । ଏହି ଅସଫଳ କାରବାରଗୁଡ଼ିକ ବ୍ୟତୀତ, ଏସ୍ଏସ୍‌ଡି ବିଭାଗ, ଏହି ଅର୍ଥକୁ ଅନିୟମିତ ଭାବରେ ଖର୍ଚ୍ଚ ହିସାବରେ ଦର୍ଶାଇଥିଲେ ।

ଉଚ୍ଚଶିକ୍ଷା ବିଭାଗ ମନ୍ତବ୍ୟଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2022) ଯେ ଓଏସ୍ଏସ୍‌ପିର ପ୍ରବର୍ତ୍ତନ ପରେ, ଅସଫଳ କାରବାର ସଂଖ୍ୟା ଅନେକାଂଶରେ ହ୍ରାସ ପାଇଥିଲା । କିନ୍ତୁ ଏହା ସତ୍ୟ ଯେ, ଓଏସ୍ଏସ୍‌ପିର ପ୍ରବର୍ତ୍ତନ ପରେ ମଧ୍ୟ ଅସଫଳ କାରବାର ଜାରି ରହିଥିଲା ।

***ସୁପାରିଶ 5.4:***

***ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ ସୁନିଶ୍ଚିତ କରିବା ପାଇଁ, କାର୍ଯ୍ୟକାରୀ ବିଭାଗ ଗୁଡ଼ିକ ରାଜ୍ୟ ଡିବିଟି ସେଲ୍ ସହିତ ସମନ୍ୱୟ ରକ୍ଷା କରି ଭିଲୁକଅପ୍ ୱେବ୍ ସେବା ଏବଂ ଏନ୍‌ପିସିଆଇର ବ୍ୟାଙ୍କ୍ ଆକାଉଣ୍ଟ୍ ସେବା ସ୍ଥିତିର ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଉଦ୍ୟମ କରିବା ଉଚିତ୍ ।***

[52] ଏସ୍ଏସ୍‌ଡି: ଅସଫଳ କାରବାର:12,342 ଏବଂ ସରକାରଙ୍କୁ ଫେରସ୍ତ:90,470
ଏଚ୍ଇଡି: ଅମୀମାଂସିତ କାରବାର: 557

[53] ପିଏମ୍ଏସ୍: 1,02,817 ଅସଫଳ କାରବାର, ସଂପର୍କିତ 32.37 କୋଟି ଟଙ୍କା
ମେଧାବୃତ୍ତି: 557 ଅସଫଳ କାରବାର, ସଂପର୍କିତ 0.34 କୋଟି ଟଙ୍କା

## 5.5 ଅନ୍ୟାନ୍ୟ ଆଇଟି ଅଭାବ

ପ୍ରେରଣା, ଓଏସ୍ଏସ୍ପି ଏବଂ ମେଧାବୃତ୍ତି ଡାଟାବେସ୍ର ଯାଞ୍ଚ ସମୟରେ ନିମ୍ନଲିଖିତ ଅନ୍ୟ ଆଇଟି ଅଭାବ ଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା:

### 5.5.1 ନକଲି ହିତାଧିକାରୀଙ୍କ ଚିହ୍ନଟ ନହେବା ଏବଂ ସଞ୍ଚୟର ରିପୋର୍ଟ ନକରିବା

ଦେୟ ଅନ୍ତରଣ ସମୟରେ ନକଲି ହିତାଧିକାରୀଙ୍କର ବହିଷ୍କାର ବିଷୟ ଡିବିଟିର କାର୍ଯ୍ୟାନ୍ୱୟନ ଉଲ୍ଲେଖ କରେ । ନକଲି ପ୍ରତିରୋଧ ପ୍ରକ୍ରିୟା ମାଧ୍ୟମରେ, ନକଲି/ ସ୍ଥିତିହୀନ ହିତାଧିକାରୀଙ୍କୁ ବାଦ୍ ଦେବା ହେତୁ ସୃଷ୍ଟି ହୋଇଥିବା ସଞ୍ଚୟ[54] ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ଏମ୍ଓଏସ୍ଜେଇ, ଜିଓଆଇ ବିଭାଗ ଏସ୍ଏସ୍ଡି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ (ଡିସେମ୍ବର 2017) । ପରବର୍ତ୍ତୀ ସଞ୍ଚୟରେ ରାଜ୍ୟ ଡିବିଟି ସେଲ୍ ଡିବିଟି ଯୋଜନା କାର୍ଯ୍ୟକାରୀ କରୁଥିବା ସମସ୍ତ ବିଭାଗକୁ ଏହି ନିର୍ଦ୍ଦେଶଗୁଡ଼ିକୁ ଅନୁଦେଶ ଦ୍ୱାରା ଜଣାଇଲେ (ମାର୍ଚ୍ଚ 2018 ଏବଂ ଫେବୃଆରୀ 2020) ଯେ, ନକଲି, ସ୍ଥିତିହୀନ ହିତାଧିକାରୀଙ୍କୁ ବାଦ୍ ଦିଆଯିବା ଯୋଗୁଁ ସୃଷ୍ଟି ହୋଇଥିବା ସଞ୍ଚୟକୁ ପ୍ରତି ମାସରେ ରିପୋର୍ଟ କରିବେ । ଅଡିଟ୍ ଲକ୍ଷ୍ୟ କଲେ ଯେ:

- ଏସ୍ଏସ୍ଡି ବିଭାଗ 2017-20 ମଧ୍ୟରେ ଏସ୍ସି ଏବଂ ଏସ୍ଟି ବର୍ଗର[55] 4,896 ନକଲି ଆବେଦନକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲା । ଅବଶ୍ୟ, ଓବସି ଏବଂ ଇବିସି ବର୍ଗର ନକଲି ଆବେଦନକାରୀଙ୍କୁ ଚିହ୍ନଟ ପାଇଁ ସେପରି କୌଣସି କାର୍ଯ୍ୟ କରାଯାଇନଥିଲା । ଅଡିଟ୍ରେ ଆଇଏଫ୍ଏମ୍ଏସ୍ ଡାଟାବେସର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଏସ୍ସି ଏବଂ ଏସ୍ଟି ବର୍ଗର 973 ନକଲି ଆବେଦନକାରୀ, ଏସ୍ଏସ୍ଡି ଦ୍ୱାରା ଚିହ୍ନଟ ହୋଇପାରି ନଥିଲେ ଏବଂ 2017-21 ମଧ୍ୟରେ ସେମାନଙ୍କୁ 2.43 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଅନ୍ୟ ପକ୍ଷରେ, ମେଧାବୃତ୍ତି ପାଇଁ ନକଲି ଆବେନକାରୀଙ୍କୁ ଚିହ୍ନଟ ପାଇଁ, ଉଚ୍ଚଶିକ୍ଷା ବିଭାଗ ସେପରି କୌଣସି କାର୍ଯ୍ୟ କରିନଥିଲେ ।

- ନକଲି ଛାତ୍ରୀଛାତ୍ରମାନଙ୍କ ଭିତରେ ଏସ୍ସି ବର୍ଗର 2,154 ଆବେଦନ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ କି 5.28 କୋଟି ଟଙ୍କାର ବୃତ୍ତି ଜଡ଼ିତ ଥିଲା । ଏସ୍ଏସ୍ଡି ବିଭାଗ, ଏହି ଆବେଦନକୁ 1,510 ସମ୍ପର୍କିତ 3.97 କୋଟି ଟଙ୍କାର ବୋଲି ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟକୁ ଜଣାଇଥିଲେ । ଏହିପରି ଭାବରେ ଏସ୍ଏସ୍ଡି ବିଭାଗ ସଞ୍ଚୟ ରାଶିକୁ 1.23 କୋଟି ଟଙ୍କା କମ୍ ଭାବରେ ଏମ୍ଓଏସ୍ଜେଇକୁ ଜଣାଇଥିଲେ । ଆହୁରି ମଧ୍ୟ, ଏସ୍ଏସଡି ବିଭାଗ, ମାର୍ଚ୍ଚ 2018 ଏବଂ ଫେବୃଆରୀ 2020 ରେ ସର୍କୁଲାର ଅନୁସାରେ ଚିହ୍ନଟ ହୋଇଥିବା ଏସ୍ଟି ବର୍ଗର 2,742 ନକଲି ଆବେଦନକାରୀଙ୍କ ସଂଖ୍ୟା ରାଜ୍ୟ ଡିବିଟି ସେଲକୁ ଜଣାଇ ନଥିଲେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ନକଲି ଆବେଦନକାରୀଙ୍କୁ ଚିହ୍ନଟ କରିବା ପାଇଁ ପ୍ରେରଣାରେ ବୈଶିଷ୍ଟ୍ୟର ଅଭାବ ଥିବା ବେଳେ, ଏସ୍ଏସ୍ଡି ବିଭାଗ ଦ୍ୱାରା ମାନୁଆଲ ଯାଞ୍ଚ ପୂର୍ଣ୍ଣପ୍ରମାଣିତ କିମ୍ବା ପର୍ଯ୍ୟାପ୍ତ ନଥିଲା ।

ଏସ୍ଏସ୍ଡି ବିଭାଗ ଅଡିଟ୍ ପର୍ଯ୍ୟବେକ୍ଷଣ ଗ୍ରହଣ କରିଥିଲେ ଏବଂ ବ୍ୟକ୍ତ କଲେ ଯେ, ନକଲି ପ୍ରବେଶକୁ ଅଗ୍ରାହ୍ୟ କରିବା ପାଇଁ ଅନ୍ଲାଇନ୍ ପୋର୍ଟାଲ୍, ଆଭ୍ୟନ୍ତରୀଣ ଯାଞ୍ଚ ସହିତ ଉପଯୁକ୍ତ ଭାବେ ସଜ୍ଜିତ କରାଯାଇନଥିଲା, ଯେଉଁ କାରଣରୁ ଛାତ୍ରୀଛାତ୍ରମାନେ ପ୍ରେରଣା ପୋର୍ଟାଲରେ ଏକ ରୁ ଅଧିକ ଆବେଦନ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ ।

### 5.5.2 ପ୍ରେରଣା-ଶିକ୍ଷା ବର୍ଷ ପୂର୍ବରୁ ଅନିୟମିତ ଭାବରେ ତାରିଖ ଗୁଡ଼ିକର ଗ୍ରହଣ

ଅଡିଟ୍, ଦୃଷ୍ଟିକୁ ଆସିଥିଲା ଯେ, ପ୍ରେରଣାରେ ଆବେଦନକାରୀଙ୍କ ବୃତ୍ତି ଆବେଦନରେ ପୂର୍ଣ୍ଣ ବିବରଣୀ ଏକ ସାରଣୀରେ ଗଚ୍ଛିତ ହୋଇଛି । ସିଷ୍ଟମ, ଆବେଦନ ଉପସ୍ଥାପନର ତାରିଖ ଏବଂ ସମୟ 'ଇନ୍ସର୍ଟ ଟାଇମ୍' ଅଧିନରେ

54 ସଞ୍ଚୟର ହିସାବ ପାଇଁ ଫର୍ମୁଲା: ଏସ୍= ଡି x ବି x ଏଫ୍ (ଏସ୍ = ସଞ୍ଚୟ, ଡି= ବାଦ୍ ହିତାଧିକାରୀ ସଂଖ୍ୟା ଏବଂ ବି = ହିତାଧିକାରୀ ପ୍ରତି ସୁବିଧା ଏବଂ ଏଫ୍ = ପ୍ରଦାନର ବାରମ୍ବାରତା)

55 ଏସ୍ସି: 2017-18 ଅବଧିରେ 2,154 ଏବଂ ଏସ୍ଟି: 2017-20 ଅବଧିରେ 2,742

ଗଚ୍ଛିତ କରିଥିଲା । ଅଡିଟ୍ ଦେଖିବାକୁ ପାଇଲା ଯେ, 2017-20 ଅବଧିରେ ପ୍ରେରଣା ପଞ୍ଜିକୃତ 14,22,413 ଆବେଦନ ମଧ୍ୟରୁ 4,270 ରେ, ଆବେଦନ ତାରିଖ ଏବଂ ସମୟ ବାସ୍ତବରେ ଶିକ୍ଷା ବର୍ଷ ପୂର୍ବରୁ ଥିଲା, ଯାହାକି ନିମ୍ନରେ ଦିଆଯାଇଥିବା ସାରଣୀରେ ଦର୍ଶାଯାଇଛି:

***ସାରଣୀ 5.9: ପ୍ରେରଣା ଡାଟାବେସ୍‌ରେ ତାରିଖ ଏବଂ ସମୟଜନିତ ତ୍ରୁଟି***

| ଆବେଦନ ଆଇଡି | ଛାତ୍ରଛାତ୍ରୀଙ୍କ ନାମ | ଅନୁଷ୍ଠାନର ନାମ | ଶିକ୍ଷା ବର୍ଷ | ସିଷ୍ଟମରେ ଡାଟା ଏଣ୍ଟ୍ରିର ତାରିଖ ଏବଂ ସମୟ |
|---|---|---|---|---|
| 1012695 | ************* | ଲଛମନ ବାଲାଜ୍ୟୁ (ଡିଗ୍ରୀ) ମହାବିଦ୍ୟାଳୟ, ଅଙ୍ଗାଲୋ | 2018-19 | 08-11-2015 07:40 |
| 1336411 | ************* | ଏସ୍‌ସିବି ମେଡିକାଲ ମହାବିଦ୍ୟାଳୟ | 2018-19 | 13-10-2015 18:14 |
| 134374 | ************* | ଇଷ୍ଟର୍ଣ୍ଣ ଏକାଡେମୀ ଅଫ୍ ସାଇନ୍ସ ଟେକ୍‌ନୋଲୋଜି | 2018-19 | 03-09-2014 22:17 |
| 357914 | ************* | ପଞ୍ଚାୟତ (ଡିଗ୍ରୀ) ମହାବିଦ୍ୟାଳୟ, ବରଗଡ଼ | 2018-19 | 23-09-2015 18:39 |
| 467448 | ************* | ଡିଷ୍ଟ୍ରିକ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ ଟ୍ରେନିଙ୍ଗ୍ | 2018-19 | 05-02-2015 15:29 |
| 486171 | ************* | ଆଇଟିଆଇ, ବରଗଡ଼ | 2018-19 | 13-10-2015 14:04 |
| 525216 | ************* | ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ | 2018-19 | 06-10-2015 15:13 |
| 585450 | ************* | ସୀମନ୍ତ ଇଞ୍ଜିନିୟରିଂ କଲେଜ | 2018-19 | 24-08-2014 21:22 |
| 910072 | ************* | ଭୈରବୀ (ଡିଗ୍ରୀ) ମହାବିଦ୍ୟାଳୟ, ଡାବୁଗାଁ | 2018-19 | 27-08-2014 12:14 |
| 952143 | ************* | ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍‌ନୋଲୋଜି | 2018-19 | 31-08-2014 17:21 |

***(ଟିପ୍ପଣୀ: ଛାତ୍ରୀଛାତ୍ରମାନଙ୍କ ନାମ ଗୋପନୀୟତା ରଖାଯାଇଛି)***

***(ଉତ୍ସ: ପ୍ରେରଣା ଡାଟାବେସ୍)***

ଏହା ଉପରୋକ୍ତ ସାରଣୀରୁ ଦେଖାଯିବ ଯେ, ଯଦିଓ 2014 ଏବଂ 2015 ରେ ସିଷ୍ଟମ ଅନୁସାରେ ଡାଟା ଉପସ୍ଥାପନର ତାରିଖ/ ବର୍ଷ ରେକର୍ଡ କରାଯାଇଥିଲା, ସଂପୃକ୍ତ ଶିକ୍ଷା ବର୍ଷଗୁଡ଼ିକ 2018-19 ଥିଲା, ଯାହା ସ୍ପଷ୍ଟ ଭାବରେ ଠିକ୍ ନଥିଲା । ଏହା ସୂଚାଉଥିଲା ଯେ, ଡାଟା ଉପସ୍ଥାପନର ପ୍ରକୃତ ତାରିଖ, ଡାଟାବେସ୍‌ରେ ସଠିକ୍ ଭାବରେ ରେକର୍ଡ ହୋଇନଥିଲା । ଡାଟା ଉପସ୍ଥାପନରେ ପ୍ରକୃତ ସମୟର ଅନୁପସ୍ଥିତି ଯୋଗୁ, ପର୍ଯ୍ୟାଲୋଚନା ଉଦ୍ଦେଶ୍ୟରେ, ଆବେଦନଗୁଡ଼ିର ପ୍ରକ୍ରିୟାକରଣରେ ବିଳମ୍ବକୁ ନିଶ୍ଚିତ କରାଯାଇପାରି ନଥିଲା ।

ଏସ୍‌ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2012) ଯେ: (କ) ଏହି ବିଷୟରେ ସ୍ପଷ୍ଟୀକରଣ ମାଗିବା ପାଇଁ ଏନ୍‌ଆଇସିକୁ ରିପୋର୍ଟ କରାଯାଇଥିଲା ଏବଂ (ଖ) ଆବେଦନ ଆଇଡି ପୂର୍ବରୁ ପୋର୍ଟାଲରେ ସୃଷ୍ଟି ହୋଇଥିବା ବେଳେ, ପ୍ରକୃତ ଆବେଦନ ପରେ ଦାଖଲ କରାଯାଇଥିଲା ।

ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପ୍ରାୟ ଚାରି ରୁ ପାଞ୍ଚ ବର୍ଷର ବ୍ୟବଧାନ ରହିଥିଲା ଏବଂ ଏହା ସମ୍ଭବ ନୁହେଁ ଯେ ଛାତ୍ରୀଛାତ୍ରମାନେ ଆଡମିଶନର ଚାରି ରୁ ପାଞ୍ଚ ବର୍ଷ ପୂର୍ବରୁ ସେମାନଙ୍କର ଆବେଦନ ଆଇଡି ପ୍ରସ୍ତୁତ କରିବେ ।

### 5.5.3 ଇମେଧାବୃତ୍ତି-ଡିଜାଇନ୍ ଅସମ୍ପୂର୍ଣ୍ଣତା

ସମସ୍ତ କାର୍ଯ୍ୟ ବିଧିସମ୍ମତ, ସମ୍ପୂର୍ଣ୍ଣ, ସଠିକ୍ ଏବଂ ଯୋଜନା ମାର୍ଗଦର୍ଶିକାର ଉଦ୍ଦେଶ୍ୟ ପୂରଣ ବିଷୟରେ ନିଶ୍ଚିତତା ପ୍ରଦାନ କରାଯିବାକୁ ବିଦ୍ୟମାନ ନିୟମ ଏବଂ ନିୟମାବଳୀକୁ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ମ୍ୟାପିଙ୍ଗ୍ କରି ସଠିକ୍ ଆଉଟ୍‌ପୁଟ୍ ପ୍ରଦାନ କରିବା ସିଷ୍ଟମ ଡିଜାଇନ୍‌ର ଲକ୍ଷ୍ୟ ।

ସର୍ବୋତ୍ତମ କାର୍ଯ୍ୟପଦ୍ଧତି ଅନୁଯାୟୀ, ଡାଟାବେସ୍‌ର ରେକର୍ଡ ଗୁଡ଼ିକରେ କୌଣସି ପ୍ରକାର ବିଶୃଙ୍ଖଳା ବିପକ୍ଷରେ ଉତ୍ତରଦାୟିତ୍ୱ ଏବଂ ଡିଟେକ୍ଟିଭ୍ ନିୟନ୍ତ୍ରଣକୁ ଲାଗୁ କରିବା ପାଇଁ ଅଡିଟ୍ ଟ୍ରେଲ୍ ଗୁଡ଼ିକୁ (ରେକର୍ଡ ସୃଷ୍ଟିର ତାରିଖ, ଅଦ୍ୟତନ, ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚର ତାରିଖ ଇତ୍ୟାଦି) ସାରଣୀରେ ଧରି ରଖାଯିବା ଉଚିତ୍ । ମେଧାବୃତ୍ତିର

ବୈଷୟିକ ଦସ୍ତାବିଜ୍‌ଗୁଡ଼ିକୁ ଉଚ୍ଚଶିକ୍ଷା ବିଭାଗ ଏବଂ ଓକାକ୍, ଅଡିଟ୍‌କୁ ପ୍ରଦାନ କରିନଥିଲେ । ଇ-ମେଧାବୃତ୍ତି ଡାଟାବେସ୍‌ର ବିଶ୍ଳେଷଣରୁ ଅଡିଟ୍ ନିମ୍ନଲିଖିତ ବିଷୟଗୁଡ଼ିକ ଲକ୍ଷ୍ୟ କଲା:

- ଡାଟାବେସ୍‌ର ଜଟିଳ ସାରଣୀ[56] ଗୁଡ଼ିକରେ 2017-20 ବର୍ଷ ପାଇଁ ଅନୁଷ୍ଠାନଗୁଡ଼ିକ ଦ୍ୱାରା, ମଧ୍ୟମ ସ୍ତର ଅଧିକାରୀ ମାନଙ୍କ ନିକଟରେ ଆବେଦନପତ୍ର ଦାଖଲ କରିବାର ତାରିଖ ଏବଂ ପରବର୍ତ୍ତୀ ସମୟରେ ସରକାରଙ୍କ ନିକଟରେ ଦାଖଲ ସହିତ ସରକାରଙ୍କ ଚୂଡ଼ାନ୍ତ ଅନୁମୋଦନ ତାରିଖ କ୍ୟାପ୍‌ଚର ହୋଇନଥିଲା ।
- 73 ଟି କ୍ଷେତ୍ରରେ, ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ଭୁଲ ଭାବରେ ଦରଜ କରାଯାଇଥିଲା । ଏଥି ମଧ୍ୟରୁ, 53 ଟି ମାମଲାରେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ବିଧିମାନ୍ୟ ହୋଇଥିବା ବେଳେ ଅବଶିଷ୍ଟ, 20 ଟି ମାମଲାରେ ଆବେଦନଗୁଡ଼ିକ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ/ କିମ୍ବା ଯାଞ୍ଚ କରାଯାଇନଥିଲା, କିନ୍ତୁ ଦେୟ ପ୍ରଦାନ କରାଯାଇଥିଲା । 20 ଟି ପ୍ରତ୍ୟାଖ୍ୟାନ ମାମଲା ମଧ୍ୟରୁ ଯେଉଁଥିରେ ଦେୟ ପ୍ରଦାନ କରାଯାଇଥିଲା, ଦୁଇଟି କ୍ଷେତ୍ରରେ ଆବେଦନ ଗୁଡ଼ିକ ଯାଞ୍ଚ କରାଯାଇନଥିଲା ଏବଂ ତାହା ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଥିଲା କିନ୍ତୁ 20,000 ଟଙ୍କା ପ୍ରଦାନ କରାଯାଇଥିଲା ବୋଲି ଆଇଏଫ୍‌ଏମ୍‌ଏସ୍ ଡାଟାବେସ୍‌ରୁ ଦେଖାଯାଇଥିଲା ।

ଏକ ଅଡିଟ୍ ଟ୍ରେଲର ଅନୁପସ୍ଥିତି ଯୋଗୁ ମଧ୍ୟମ ସ୍ତର ଦ୍ୱାରା ଆବେଦନ ଗୁଡ଼ିକର ପ୍ରକ୍ରିୟା ପାଇଁ ନିଆଯାଇଥିବା ସମୟ, ଏବଂ ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ଭୁଲ, ବୈଧିକରଣ ଚିହ୍ନଟ ହୋଇପାରିନଥିଲା । ତେଣୁ, ଆବେଦନଗୁଡ଼ିକର ପ୍ରକ୍ରିୟାକରଣ ଏବଂ ସେଠାରେ ହୋଇଥିବା ଦେୟ ପ୍ରଦାନରେ ସ୍ୱଚ୍ଛତାର ଅଭାବ ଦେଖାଗଲା ।

ଉଚ୍ଚଶିକ୍ଷା ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ, ତ୍ରୁଟିଗୁଡ଼ିକର ସମାଧାନ ପାଇଁ ଅଡିଟ୍‌ର ପର୍ଯ୍ୟବେକ୍ଷଣଗୁଡ଼ିକୁ ସେବା ପ୍ରଦାନକାରୀଙ୍କୁ ଜଣାଇ ଦିଆଯିବ ।

### *5.5.3.1 ମୁଖ୍ୟ ସାରଣୀଗୁଡ଼ିକ ସିଷ୍ଟମରେ ବ୍ୟବସ୍ଥିତ ନଥିଲା*

ସର୍ବୋତ୍ତମ କାର୍ଯ୍ୟ ପଦ୍ଧତି ଅନୁସାରେ, ସାଧାରଣ କାରବାର ତଥ୍ୟ ପାଇଁ ଏକକ ଉତ୍ସ ଭାବରେ ଏକ ମୁଖ୍ୟ ସାରଣୀ[57], ଏକାଧିକ ସାରଣୀ ଏବଂ/ କିମ୍ବା ପ୍ରକ୍ରିୟାଗୁଡ଼ିକର ପ୍ରସଙ୍ଗ ପ୍ରସ୍ତୁତ ସୃଷ୍ଟି କରାଯିବା ଉଚିତ୍ । ଇ-ମେଧାବୃତ୍ତିରେ ଅନେକ ମୁଖ୍ୟ ସାରଣୀ ଥିଲା, ଯାହା ଅନନ୍ୟ ଆଇଡି ଆଧାରରେ ଆବେଦନପତ୍ର ଦାଖଲ ଏବଂ କାରବାରର ବିବରଣୀ ଚିହ୍ନଟ ସମୟରେ ବ୍ୟବହୃତ ହୋଇଥିଲା । ଅଡିଟ୍, ସିଷ୍ଟମରେ ବୈଧିକରଣ ନିୟନ୍ତ୍ରଣର ଅଭାବ ହେତୁ ଡାଟାବେସ୍‌ରେ ଭୁଲ୍ ମୋଟ ମାର୍କର ଉପସ୍ଥିତି ଲକ୍ଷ୍ୟ କରିଥିଲେ, ଯାହା ପ୍ରାପ୍ତ ମାର୍କକୁ ମୋଟ ମାର୍କ ଭିତରେ ସୀମିତ କରିପାରିଥାନ୍ତା । ଏହା ନିମ୍ନରେ ଆଲୋଚନା କରାଯାଇଛି:

- ***ଭୁଲ୍ ମୋଟ ମାର୍କ*** : 97,810 ଆବେଦନ[58] ମଧ୍ୟରୁ 179 ରେ ପାଠ୍ୟକ୍ରମ ପାଇଁ ମୋଟ ମାର୍କ ଏବଂ ଆବେଦନକାରୀଙ୍କ ଦ୍ୱାରା ପ୍ରାପ୍ତ ମାର୍କ, ଭୁଲ ଭାବରେ ଦରଜ ହୋଇଥିଲା । ଆହୁରି ମଧ୍ୟ ଲକ୍ଷ୍ୟ କରାଗଲା ଯେ, ଅଧକ୍ଷମାନେ 179 ଟି ସେହିପରି ଭୁଲ୍ ମାର୍କ ଥିବା ଆବେଦନପତ୍ରକୁ ବୈଧିକରଣ କରିଥିଲେ । ଏହିପରି ତ୍ରୁଟିଗୁଡ଼ିକର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 5.10: ଇ-ମେଧାବୃତ୍ତିରେ ଭୁଲ୍ ମୋଟ ମାର୍କ***

| ବୃତ୍ତି ପ୍ରକାର | ଆବେଦନକାରୀଙ୍କ ନାମ | ମହାବିଦ୍ୟାଳୟ ନାମ | ପୂର୍ଣ୍ଣ ମାର୍କ | ଆବେଦନରେ ଥିବା ପ୍ରାପ୍ତ ମାର୍କ |
|---|---|---|---|---|
| ଟେକ୍‌ନିକାଲ/ ପ୍ରଫେସନ ମେରିଟ୍ | ************ | ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍‌ନୋଲୋଜିକାଲ ଆଡ୍‌ଭାନ୍ସମେଣ୍ଟ, ଭୁବନେଶ୍ୱର | 2,713 | 3,900 |
| ଜୁନିୟର ମେରିଟ୍ | ************ | ସରକାରୀ ଜୁନିୟର ମହାବିଦ୍ୟାଳୟ, ଅନୁଗୁଳ | 8.8 | 8.8 |

56 ଟି_ସିଏଏଫ୍‌ଏସ୍_ଆପ୍ଲିକାଣ୍ଟଡିଟେଲ୍ସ_ଟେମ୍ପ_2017, ଟି_ସିଏଏଫ୍‌ଏସ୍_ଆପ୍ଲିକାଣ୍ଟଡିଟେଲ୍ସ_ଟେମ୍ପ_2018, ଟି_ସିଏଏଫ୍‌ଏସ୍_ସ୍କଲାରସୀପ୍_ରିନୁଆଲ୍_2018

57 ଏମ୍-କଲେଜ, ଏମ୍_ ଡିଷ୍ଟ୍ରିକ୍ଟ, ଏମ୍_ ବ୍ଲକ୍, ଏମ୍_ ସ୍କଲାରସୀପ୍_ବୋର୍ଡ, ଏମ୍_ସ୍କଲାରସୀପ୍_କୋର୍ଷ ଇତ୍ୟାଦି

58 ଟି_ସିଏଏଫ୍‌ଏସ୍_ଆପ୍ଲିକାଣ୍ଟଡିଟେଲ୍ସ_ଟେମ୍ପ_2016, ଟି_ସିଏଏଫ୍‌ଏସ୍_ଆପ୍ଲିକାଣ୍ଟଡିଟେଲ୍ସ_ଟେମ୍ପ_2017, ଟି_ସିଏଏଫ୍‌ଏସ୍_ଆପ୍ଲିକାଣ୍ଟଡିଟେଲ୍ସ_ଟେମ୍ପ_2018 ଏବଂ ଟି_ସିଏଏଫ୍‌ଏସ୍_ଆପ୍ଲିକାଣ୍ଟଡିଟେଲ୍ସ_ଟେମ୍ପ

| ବୃତ୍ତି ପ୍ରକାର | ଆବେଦନକାରୀଙ୍କ ନାମ | ମହାବିଦ୍ୟାଳୟ ନାମ | ପୂର୍ଣ୍ଣ ମାର୍କ | ଆବେଦନରେ ଥିବା ପ୍ରାପ୍ତ ମାର୍କ |
|---|---|---|---|---|
| ପିଜି ମେରିଟ୍ | ************ | ଉଦୟନାଥ (ଅଟୋନୋମସ୍) ବିଜ୍ଞାନ ଏବଂ ବୈଷୟିକ ମହାବିଦ୍ୟାଳୟ, ଅଡ଼ଶପୁର | 7 | 7 |
| ଟେକ୍ନିକାଲ/ ପ୍ରଫେସନ ମେରିଟ୍ | ************ | ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ (ଏମ୍‌ବିଏ) | 64.7 | 57.2 |
| ଜୁନିୟର ମେରିଟ୍ | ************ | ହାଟଡିହି ଆଞ୍ଚଳିକ (ସରକାରୀ ଭୋକେସନାଲ ଜୁନିୟର) ମହାବିଦ୍ୟାଳୟ, ହାଟଡିହି - 18031801 – ହାଟଡିହି | 439 | 10 |
| ଟେକ୍ନିକାଲ/ ପ୍ରଫେସନ ମେରିଟ୍ | ************ | ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜିକାଲ ଆଡ୍‌ଭାନ୍ସମେଣ୍ଟ(ଜିଆଇଟିଏ), (ଇଞ୍ଜିନିୟରିଂ) | 3,503 | 70 |
| ପିଜି ମେରିଟ୍ | ************ | ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | 1,223 | 657 |

*(ଟିପ୍ପଣୀ- ଆବେଦନକାରୀଙ୍କ ନାମ ଗୋପନୀୟ ରଖାଯାଇଥିଲା)*

*(ଉତ୍ସ: ଇମେଧାବୃତ୍ତିର ଗଚ୍ଛିତ ତଥ୍ୟ)*

ଆବେଦନପତ୍ରଗୁଡ଼ିକର ନମୁନା ଯାଞ୍ଚରୁ ଅଡିଟ୍ ଲକ୍ଷ୍ୟ କଲେ ଯେ କ୍ୟୁମୁଲେଟିଭ୍ ଗ୍ରେଡ୍ ପଏଣ୍ଟ ଆଭରେଜ୍ (ସିଜିପିଏ) କ୍ଷେତ୍ରରେ ପୂର୍ଣ୍ଣ ମାର୍କ କେବଳ ଶୂନ ଏବଂ 10 ରେ ସମାପ୍ତ ପୂର୍ଣ୍ଣ ସଂଖ୍ୟା ହୋଇପାରେ, କିନ୍ତୁ ଉପରେ ଦର୍ଶାଯାଇଥିବା ଭଳି ଏକ ବିଯୋଡ଼ ସଂଖ୍ୟା ହୋଇନପାରେ । ଗୋଟିଏ କ୍ଷେତ୍ରରେ, ପ୍ରାପ୍ତ ପ୍ରକୃତ ମାର୍କଗୁଡ଼ିକ ପୂର୍ଣ୍ଣ ମାର୍କଠାରୁ ଅଧିକ ଥିଲା । ଏହିପରି ଭାବରେ ସିଷ୍ଟମରେ ଦରଜ ହୋଇଥିବା ପୂର୍ଣ୍ଣ ମାର୍କଗୁଡ଼ିକ ଭୁଲ ପ୍ରତୀତ ହୋଇଥିଲା ।

- ଇ-ମେଧାବୃତ୍ତିରେ 97,810 ଆବେଦନଗୁଡ଼ିକ ମଧ୍ୟରୁ 45 ଟିରେ ଆବେଦନକାରୀଙ୍କ ଦ୍ୱାରା ପ୍ରାପ୍ତ ମୋଟ ମାର୍କ ଭୁଲରେ ଦରଜ କରାଯାଇଥିଲା, ଯାହାକି ସର୍ବାଧିକ ମାର୍କ ଠାରୁ ଅଧିକ ବୋଲି ଦେଖାଯାଇଥିଲା । ତେବେ ସଂପୃକ୍ତ ଅଧକ୍ଷମାନେ 18 ଟି କ୍ଷେତ୍ରରେ ଆବେଦନକୁ ଅନୁମୋଦନ କରିଥିଲେ । ଅସାମଞ୍ଜସ୍ୟତା ନିମ୍ନ ସାରଣୀରେ ଦର୍ଶାଯାଇଛି ।

***ସାରଣୀ 5.11: ଇ-ମେଧାବୃତ୍ତି ମାମଲାଗୁଡ଼ିକ, ଯେଉଁଠାରେ ଦର୍ଶାଯାଇଥିବା ପ୍ରାପ୍ତ ମୋଟ ମାର୍କ ସର୍ବାଧିକ ମାର୍କ ଠାରୁ ଅଧିକ ଥିଲା***

| ଆବେଦନକାରୀଙ୍କ ନାମ | ମହାବିଦ୍ୟାଳୟ ନାମ | ପୂର୍ଣ୍ଣ ମାର୍କ | ଆବେଦନରେ ଥିବା ପ୍ରାପ୍ତ ମାର୍କ |
|---|---|---|---|
| ********* | ସେଣ୍ଟର ଫର୍ ଆଡ୍‌ଭାନ୍‌ସଡ୍ ପୋଷ୍ଟ ଗ୍ରାଜୁଏଟ୍ ଷ୍ଟଡିଜ୍ (ସିଏପିଜିଏସ୍), ରାଉରକେଲା | 10.00 | 72.00 |
| ********* | ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜିକାଲ ଆଡ୍‌ଭାନ୍ସମେଣ୍ଟ(ଜିଆଇଟିଏ), (ଏମ୍‌ସିଏ) | 2,713.00 | 3,900.00 |
| ********* | ଧନେଶ୍ୱର ରଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, କଟକ (ଇଞ୍ଜିନିୟରିଂ) | 10.00 | 35.00 |
| ********* | ଗଭର୍ଣ୍ଣମେଣ୍ଟ କଲେଜ ଅଫ୍ ଇଞ୍ଜିନିୟରିଂ, କେଉଁଝର | 10.00 | 451.00 |
| ********* | ସିଲିକନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର (ଇଞ୍ଜିନିୟରିଂ) | 10.00 | 766.00 |
| ********* | ଇଣ୍ଡିକ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ ଆଣ୍ଡ ରିସର୍ଚ୍ଚ, ଭୁବନେଶ୍ୱର (ଇଞ୍ଜିନିୟରିଂ) | 10.00 | 66.00 |
| ********* | ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜି ଭୁବନେଶ୍ୱର, (ଇଞ୍ଜିନିୟରିଂ) | 70.00 | 2,113.00 |
| ********* | ସିଲିକନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର (ଇଞ୍ଜିନିୟରିଂ) | 10.00 | 907.00 |

*(ଟିପ୍ପଣୀ- ଆବେଦନକାରୀଙ୍କ ନାମ ଗୋପନୀୟ ରଖାଯାଇଥିଲା)*

*(ଉତ୍ସ: ଇମେଧାବୃତ୍ତିର ଗଚ୍ଛିତ ତଥ୍ୟ)*

ଏହିପରି ଭାବରେ, ଭୁଲ୍ ତଥ୍ୟ ଦରଜ ଉପରେ ପ୍ରତିବନ୍ଧକ ଲଗାଇବା ଓ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ/ ଅଣବୈଧକରଣ ପାଇଁ ସର୍ବୋଚ୍ଚ ମାର୍କ ବିବରଣୀ ସହିତ ବିଭିନ୍ନ ଶିକ୍ଷା ବୋର୍ଡ ପାଇଁ ଏକ ମାଷ୍ଟର ଟେବୁଲ ରେଫରେନ୍ସ ସୃଷ୍ଟି ବିନା ସଫ୍ଟୱେୟାର ଡିଜାଇନ୍ କରାଯାଇଥିଲା । ଯେଉଁଥିରେ ସର୍ବାଧିକ ମାର୍କର ବିବରଣୀ ସହିତ ଭୁଲ୍ ତଥ୍ୟ ଦରଜ ଉପରେ ପ୍ରତିବନ୍ଧକ ଲଗାଇବ ଏବଂ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ/ ଅଣ-ବୈଧିକରଣ ପାଇଁ ଅମୁମତି ଦେଇଥାନ୍ତା । ଏହିପରି ଅସାମଞ୍ଜସ୍ୟସତା ମଧ୍ୟ ସୂଚାଇଥାଏ ଯେ ସଂପୃକ୍ତ ଅଧକ୍ଷମାନେ ଆବେଦନଗୁଡ଼ିକରେ ଦରଜ ହୋଇଥିବା ମାର୍କର ସଠିକତା ଯାଞ୍ଚ ନକରି ଆବେଦନଗୁଡ଼ିକୁ ସୁପାରିଶ କରିଥିଲେ ।

ଉଚ୍ଚଶିକ୍ଷା ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ତ୍ରୁଟି ଗୁଡ଼ିକର ସମାଧାନ ପାଇଁ, ଅଡିଟ୍‌ର ପର୍ଯ୍ୟବେକ୍ଷଣଗୁଡ଼ିକ ସେବା ପ୍ରଦାନକାରୀଙ୍କୁ ଜଣାଇଦିଆଯିବ ।

### 5.5.3.2 ସଠିକ୍ ଆଧାର ନମ୍ବର ଦରଜ ନହେବା

ଆଧାର ଅଧିନିୟମ ଏବଂ ନିୟମାବଳୀ 2016 ଅଧିନସ୍ଥ ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟୀ ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ସମସ୍ତ ଆଧାର ନମ୍ବରକୁ 'ଆଧାର ଡାଟା ଭଲ୍ଟ' ଭାବରେ ପରିଚିତ ଏକ ଭିନ୍ନ ଭଣ୍ଡାରରେ କେନ୍ଦ୍ରୀଭୁତ ଭାବରେ ସଂରକ୍ଷଣ କରିବାକୁ ଧାର୍ଯ୍ୟ କରିଥିଲା । ଇକୋସିଷ୍ଟମରେ ଆଧାର ସଂଖ୍ୟାଗୁଡ଼ିକର ଫୁଟ୍ ପ୍ରିଣ୍ଟ ହ୍ରାସ କରିବାକୁ ପ୍ରତ୍ୟେକ ଆଧାର ନମ୍ବର ରେଫରେନ୍ସ କି ଭାବରେ ପରିଚିତ ଏକ ଆଡିସିନାଲଙ୍କ ଦ୍ୱାରା ଚିହ୍ନିତ ହେବା ଆବଶ୍ୟକ । ଇକୋସିଷ୍ଟମରେ ଏହି କି ଗୁଡ଼ିକ ଆଧାର ନମ୍ବରର ସ୍ଥାନ ନେବା କଥା ଏବଂ ରେଫରେନ୍ସ 'କି' ର ମ୍ୟାପିଙ୍ଗ୍ ଏବଂ ଆଧାର  ନମ୍ବରଗୁଡ଼ିକ ଡାଟା ଭଲ୍ଟରେ ରକ୍ଷଣାବେକ୍ଷଣ କରାଯିବା କଥା । ଉଚ୍ଚଶିକ୍ଷା ବିଭାଗ, ଆଧାର ଡାଟା ଭଲ୍ଟ ସୃଷ୍ଟି କରିବା ଏବଂ ଆଧାର ନମ୍ବରଗୁଡ଼ିକୁ ସମସ୍ତ ବିଦ୍ୟମାନ ଡାଟାବେସ୍‌ରେ ସଂପୃକ୍ତ ରେଫରେନ୍ସ 'କ' ସହିତ ପୁନଃସ୍ଥାପନ କରିବା ଆବଶ୍ୟକ ଥିଲା ।

ଇ-ମେଧାବୃତ୍ତି ଡାଟାବେସ୍‌ର ବିଶ୍ଳେଷଣରୁ ଏହା ଲକ୍ଷ୍ୟ କରାଯାଇଥିଲା ଯେ:

- 97,810 ଆବେଦନଗୁଡ଼ିକ ମଧ୍ୟରୁ 84,631 ରେ, ଆଧାର ନମ୍ବର ଏନ୍‌କ୍ରିପ୍‌ସନ କିମ୍ବା ମାସ୍କଡ ଫର୍ମ ବିନା ଟେବୁଲରେ ଗଚ୍ଛିତ ହୋଇଥିଲା, ଯେଉଁ କାରଣରୁ ଡାଟାବେସ୍‌ରେ ପ୍ରକୃତ ପରିଚୟ ଧରାଯାଇ ପାରିନଥିଲା ।
- ଆହୁରି ମଧ୍ୟ, 9,801 କ୍ଷେତ୍ରରେ, 12 ସଂଖ୍ୟାରୁ କମ୍ କିମ୍ବା ସଂଖ୍ୟାହୀନ ଅବୈଧ ଆଧାର ନମ୍ବରଗୁଡ଼ିକ ଡାଟାବେସ୍‌ରେ କ୍ୟାପ୍‌ଚର ହୋଇଥିଲା, ଯାହା ଆଧାର ତଥ୍ୟ କ୍ଷେତ୍ର ଡିଜାଇନ୍ କରିବା ସମୟରେ ଇନ୍‌ପୁଟ୍ କଣ୍ଟ୍ରୋଲର ଅନୁପସ୍ଥିତି ଦର୍ଶାଉଥିଲା । ଏହାଫଳରେ, ଆଧାର ନମ୍ବରର ଭୁଲ ଦରଜ ଏବଂ ମାସ୍କଡ ଫର୍ମ ବିନା ଆଧାର ତଥ୍ୟ ସହଭାଗୀ କରିବା, ଅଧିନିୟମର ଉଲ୍ଲଙ୍ଘନ ଥିଲା ।

ଏହିପରି, ଆଧାର ଅଧିନିୟମ ଅନୁଯାୟୀ, ଆଧାର ବିବରଣୀ ଏନ୍‌କ୍ରିପ୍ଟ କରାଯାଇନଥିଲା କିମ୍ବା ଡିବିଟି ଅଧିନରେ ଆବଶ୍ୟକ ଅନୁସାରେ ସଠିକ୍ ଭାବରେ କ୍ୟାପ୍‌ଚର କରାଯାଇନାହିଁ ।

ଉଚ୍ଚଶିକ୍ଷା ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ, ଅଭାବଗୁଡ଼ିକର ସମାଧାନ ପାଇଁ ଅଡିଟ୍‌ର ପର୍ଯ୍ୟବେକ୍ଷଣ ଗୁଡ଼ିକୁ ସେବା ପ୍ରଦାନକାରୀଙ୍କୁ ଜଣାଇଦିଆଯିବ ।

### 5.5.3.3 ଡ୍ୟାସ୍ ବୋର୍ଡର ଉପଲବ୍ଧତା ନଥିବା

ମେଧାବୃତ୍ତି ମାର୍ଗଦର୍ଶିକା ଅନୁସାରେ, ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟର ଯାଞ୍ଚ, ବୈଧିକରଣ ଏବଂ ଅନୁମୋଦନ, ଅଗ୍ରଗାମୀ ସଂଚାରଣ ପାଇଁ, ଛାତ୍ରବୃତ୍ତିର ଅନୁମୋଦନ ପାଇଁ ଅନୁଷ୍ଠାନର ଅଧକ୍ଷ ଉତ୍ତରଦାୟୀ । ବିଶ୍ଳେଷଣରୁ ଏହା ଦେଖାଗଲା ଯେ, 97,810 ମାମଲା ମଧ୍ୟରୁ 1,466 ରେ ସମସ୍ତ ଆବଶ୍ୟକୀୟ ସୂଚନା ଯଥା- ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ମାର୍କ ସୀଟ୍, ବ୍ୟାଙ୍କ ବିବରଣୀ ଏବଂ ଆଧାର ନମ୍ବର ଅପ୍‌ଲୋଡ୍ କରାଯାଇଥିଲା କିନ୍ତୁ ଅଧକ୍ଷ ଯାଞ୍ଚ/ ଅଦ୍ୟତନ ଏବଂ ଠିକ୍ ସମୟରେ ତଥ୍ୟର ଅନୁମୋଦନ କରିନଥିଲେ ।

ସିଷ୍ଟମରେ ଛାତ୍ରୀଛାତ୍ରମାନଙ୍କ ପାଇଁ ସେମାନଙ୍କର ଆବେଦନ ସ୍ଥିତି ଯାଞ୍ଚ କରିବା ପାଇଁ କୌଣସି ବ୍ୟବସ୍ଥା ନଥିଲା । ବିଭିନ୍ନ ସ୍ତରରେ ଗ୍ରହଣ କରାଯାଇଥିବା ବୈଧିକରଣ ଏବଂ ଅନୁମୋଦିତ ଆବେଦନ ସଂଖ୍ୟା ଉପରେ ନଜର ରଖିବା,

ପ୍ରକୃତ ସମୟ ଭିତ୍ତିରେ ଅନୁଷ୍ଠାନ ଏବଂ ଓକାକ୍ ଦ୍ୱାରା ପ୍ରକ୍ରିୟାକରଣ ନିଶ୍ଚିତ କରିବାକୁ, ବିଭାଗରେ ଏହାର ଏକ ଡ୍ୟାସ୍‌ବୋର୍ଡର ସୁବିଧା ମଧ୍ୟ ନଥିଲା । ରିୟଲ୍ ଟାଇମ୍ ଡ୍ୟାସ୍‌ବୋର୍ଡର ଅନୁପସ୍ଥିତିରେ, ଆବେଦନକାରୀ ଛାତ୍ରୀଛାତ୍ରମାନଙ୍କୁ ପିଏମ୍ଏସ୍ ପାଇଁ ସେମାନଙ୍କର ଆବେଦନଗୁଡ଼ିକର ସ୍ଥିତି ବିଷୟରେ ସୂଚିତ କରାଯାଇପାରି ନଥିଲା ।

ଉଚ୍ଚଶିକ୍ଷା ବିଭାଗ ଉତ୍ତର ଦେଲେ (ସେପ୍ଟେମ୍ବର 2022) ଯେ ନୂତନ ପ୍ରବର୍ତ୍ତିତ ଓଏସ୍ଏସ୍‌ପି ପୋର୍ଟାଲରେ ଡ୍ୟାସ୍‌ବୋର୍ଡ ଉପଲବ୍ଧ ଅଛି ।

***ସୁପାରିଶ 5.5:***

***ନକଲି ହିତାଧିକାରୀଙ୍କୁ ଚିହ୍ନଟ ନକରିବା, ଆବେଦନର ତାରିଖ ଏବଂ ଆଧାର ସଂଖ୍ୟା ସହିତ ମାଷ୍ଟର ଟେବୁଲର ଅନୁପସ୍ଥିତି ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟର ଭୁଲ୍ ଗ୍ରହଣକୁ ଧରିବାରେ କମ୍ପ୍ୟୁଟର ବ୍ୟବସ୍ଥାରେ ତ୍ରୁଟିଗୁଡ଼ିକର ପ୍ରତିକାର କରାଯାଇ ଛାତ୍ରବୃତ୍ତି ଆବେଦନଗୁଡ଼ିକର ପ୍ରକ୍ରିୟାକରଣ ବ୍ୟବସ୍ଥାକୁ ଅଧିକ ଦକ୍ଷ କରାଯିବା ଉଚିତ୍ ।***